## ସଂକ୍ଷେପରେ

### ମୃତକଙ୍କ ପରିବାରକୁ କ୍ଷତିପୂରଣ, ଜଣଙ୍କୁ ଚାକିରି ଦାବି

କାଳିଆପାଣି,୧୮।୧୨(ଡି.ଏନ.ଏ.): ସୁକିନ୍ଦା ଖଣି ଅଞ୍ଚଳର ଭୀମଟାଙ୍ଗରସ୍ଥିତ ଫେକର ବେଦାନ୍ତ କଲରଙ୍ଗୀ କ୍ରୋମାଇଟ୍ ଖଣିରେ ଗତ ଶୁକ୍ରବାର ହାଇୱା ଚାପାରେ ମୃତ୍ୟୁବରଣ କରିଥିବା ସୁପରଭାଇଜରଙ୍କ ପରିବାରକୁ କ୍ଷତିପୂରଣ ବାବଦକୁ ୨୫ ଲକ୍ଷ ଟଙ୍କା ସହ ପରିବାରରୁ ଜଣଙ୍କୁ ଚାକିରି ଦେବାକୁ ଦାବି କରାଯାଇଛି। ଏନେଇ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଶନିବାର ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୁର ସଂଘ ପକ୍ଷରୁ ଏକ ଦାବିପତ୍ର ଦିଆଯାଇଛି। ଏକ ହଲପେକ ଗାଡ଼ିରେ ତେଲ ଭର୍ତ୍ତି ପରେ ଚେକ୍ କରି ସୁପରଭାଇଜର ଭଦ୍ରକ ଜିଲା ଧୂଷୁରୀ ଅଞ୍ଚଳର କାଳିନ୍ଦୀ ଚରଣ ସାହୁ ତଳେ ଠିଆ ହୋଇଥିଲେ। ଏହି ସମୟରେ ହାଇୱା ତାଙ୍କ ଉପରକୁ ମାଡ଼ିଯାଇଥିଲା। ଫଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ପରେ ତାଙ୍କ ପରିବାର ଲୋକ ଖଣିରେ କାର୍ଯ୍ୟ କରୁଥିବା ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୁର ସଂଘ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ପରେ ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର, ସହସମ୍ପାଦକ ଭରତ ଚନ୍ଦ୍ର ମହାନ୍ତ, ସୁକିନ୍ଦା ବ୍ଲକ ପୂର୍ବତନ ଅଧକ୍ଷା ଭଗବତୀ ମହାନ୍ତଙ୍କ ସମେତ ଅନ୍ୟ କର୍ମକର୍ତ୍ତା କମ୍ପାନୀର ବରିଷ୍ଠ ଖଣି ପରିଚାଳକ ମୁଥୁମାରୀ ଏମ୍. ଓ ପରିଚାଳକ ଶାଶ୍ୱତ ନନ୍ଦଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ।

### ଦମ୍ପତିଙ୍କୁ ଆକ୍ରମଣ କରିଥିବା ଯୁବକ ଗିରଫ

ଧର୍ମଶାଳା,୧୮।୧୨(ଡି.ଏନ.ଏ.): ଜେନାପୁର ଥାନା ଅନ୍ତର୍ଗତ ବରମୁଣ୍ଡୁଳି ଗ୍ରାମର ଜଣେ ଯୁବକ ସେହି ଗ୍ରାମର ଏକ ଦମ୍ପତିଙ୍କ ସମେତ ଅନ୍ୟ ଜଣେ ମହିଳାଙ୍କୁ ଲୁହାରଡରେ ଆକ୍ରମଣ କରିଥିବା ଘଟଣାରେ ଗିରଫ ହୋଇଛନ୍ତି। ପରେ ତାଙ୍କୁ ପୋଲିସ କୋର୍ଟଚାଲାଣ କରିଛି। ସେ ହେଲେ ଗ୍ରାମର ପତିତପାବନ ନାୟକ(୨୮)। ଗ୍ରାମର ରାଧୁ ସାମଲଙ୍କ ସ୍ତ୍ରୀ କୌଶଲ୍ୟା ସାମଲଙ୍କ ଅଭିଯୋଗ ଅନୁଯାୟୀ, ଶନିବାର ସକାଳେ ସାମାନ୍ୟ ବଚସାକୁ କେନ୍ଦ୍ରକରି ପତିତପାବନ ତାଙ୍କୁ ଓ ତାଙ୍କ ସ୍ୱାମୀଙ୍କୁ ଲୁହାରଡରେ ଆକ୍ରମଣ କରିଥିଲେ। ଏହାକୁ ପଡ଼ୋଷୀ ଘରର ମହିଳା ଟିକିନା ଦଳେଇ ବିରୋଧ କରିବାରୁ ତାଙ୍କୁ ମଧ୍ୟ ଯୁବକ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ୩ଜଣ ଆହତ ହୋଇଥିଲେ। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ନଂ.୩୭୧/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପତିତପାବନଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

### ବ୍ୟବସାୟୀଙ୍କ ପରଲୋକ

ପାଣିକୋଇଲି,୧୮।୧୨(ଡି.ଏନ.ଏ.): ପାଣିକୋଇଲି ବଜାରର ଜଣେ ବ୍ୟବସାୟୀଙ୍କ ହୃଦ୍‌ଘାତରେ ପରଲୋକ ହୋଇଛି। ସେ ହେଲେ ଯାଜପୁର ବ୍ଲକ ମାଳଆନ୍ଦପୁର ପଞ୍ଚାୟତ ନମଟିକିରି ଗ୍ରାମର ଉତ୍ତରେଶ୍ୱର ବେହେରା(୬୧)। ପାଣିକୋଇଲି ଗଣେଶ ବଜାରର ଆଙ୍ଗୁଲା ରୋଡ୍‌ରେ ଉତ୍ତରେଶ୍ୱର ମିଠା ଦେକାନ କରିଥିଲେ। ସକାଳୁ ସେ ଗ୍ରାମରେ ଫୁଲ ତୋଳୁଥିବା ସମୟରେ ତାଙ୍କୁ ହୃତ୍‌ଘାତ ହୋଇଥିଲା। ଫଳରେ ସେ ସେଠାରେ ହଠାତ ଟଳି ପଡ଼ିଥିଲେ।

# ଅବହେଳିତ ଶ୍ୟାମସୁନ୍ଦର ଜୀଉ ମନ୍ଦିର

କାଏମା,୧୮।୧୨(ଡି.ଏନ୍.ଏ.)



ପ୍ରାଚୀନ ଐତିହ୍ୟ, ମଠ, ମନ୍ଦିରକୁ ନେଇ ଯାଜପୁର ଜିଲା ସର୍ବଜନବିଦିତ। ତେବେ ସେଥିମଧ୍ୟରୁ ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତର ଅରଙ୍ଗାବାଦ ଗ୍ରାମରେ ଥିବା ବୈଷ୍ଣବପୀଠ ଶ୍ୟାମସୁନ୍ଦର ଜୀଉ ମନ୍ଦିର ଅନ୍ୟତମ। ଜାରକାଠାରୁ ଶାନ୍ତି ବଜାର ଛକ ଏବଂ ସେଠାରୁ ସିଧା ରାସ୍ତା କାଏମା ବଜାର ମଧ୍ୟ ଦେଇ ବ୍ରାହ୍ମଣୀ ନଦୀର ପାଦ ଦେଶରେ ଏହି ମନ୍ଦିର ରହିଛି। ସପ୍ତଦଶ ଶତାବ୍ଦୀ ଆଦିକାଳରେ ନିର୍ମିତ ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତିଙ୍କୁ ଏଠାରେ ଶ୍ୟାମସୁନ୍ଦର ନାମରେ ପୂଜା କରାଯାଏ। ଏହି ମନ୍ଦିର ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଯାଇଛି। ଦେବୋତ୍ତର ବିଭାଗ ମଧ୍ୟ ଅଣଦେଖା କରିଛି। ଫଳରେ ଏହି ପୀଠ ସରକାରୀ ଅନୁଦାନରୁ ବଞ୍ଚିତ ହୋଇଛି।

ମନ୍ଦିରକୁ ଚାରି ଭାଗରେ ବିଭକ୍ତ କଲେ ଜଣାଯାଏ ଯେ, ଏହାର ମୁଖ୍ୟ ଦ୍ୱାର ବହୁ ପୁରାତନ। ଜଗମୋହନ, ନାଟ୍ୟ ମନ୍ଦିର ଓ ସିଂହଦ୍ୱାର ୧୦୦ବର୍ଷ ଭିତରେ ନିର୍ମିତ ହୋଇଥିବା ଅନୁମାନ କରାଯାଏ। ମନ୍ଦିରର ପ୍ରବେଶ ପଥ ସିଂହଦ୍ୱାର ସମ୍ମୁଖରେ ହାତୀ ଉପରେ ସିଂହ ବସିଥିବାର ଦେଖିବାକୁ ମିଳୁଛି। ଭିତର ପାର୍ଶ୍ୱରେ ପତିତପାବନ ବେଢ଼ା ମଧ୍ୟରେ ଦୁଇଟି ଗଣେଶ ମୂର୍ତ୍ତି ସହ ଏକ ବୁଦ୍ଧ ମୂର୍ତ୍ତିର ମସ୍ତକ ପୂଜା କରାଯାଏ। ନାଟ୍ୟ ମଧ୍ୟରେ ବିଭିନ୍ନ ପ୍ରକାର ମାର୍ବଲ ପ୍ରସ୍ତର ସହ ହନୁମାନ ଓ ଦେବଦେବୀ ପୂଜା ପାଆନ୍ତି। ଜଗମୋହନରେ ଗରୁଡ଼ ମୂର୍ତ୍ତି ପୂଜା ପାଇବା ସହ ଭକ୍ତଙ୍କ ଦ୍ୱାରା ଦାନରେ ଆସିଥିବା ଫଟୋଚିତ୍ର ମନ୍ଦିରର ଶୋଭା ବଢାଇ ଥାଏ। ମୁଖ୍ୟ ମନ୍ଦିର ମଧ୍ୟରେ ଶ୍ୟାମସୁନ୍ଦର ଜୀଉ ଏବଂ ଦୁଇ ଦଧିବାମନ ମୂର୍ତ୍ତି ପୂଜିତ ହେବା ସହ ପୁରୀ ଜଗନ୍ନାଥ ମନ୍ଦିର ପରି ଚାରିମୂର୍ତ୍ତିର ପରିକଳ୍ପନା କରାଯାଇଛି। ଶ୍ୟାମସୁନ୍ଦର ଓ ଦଧିବାମନ ମୂର୍ତ୍ତି କାଷ୍ଠ ନିର୍ମିତ ହୋଇଥିବାବେଳେ ଅନେକ ମୂର୍ତ୍ତି ପିତଳ ଓ ପଥରରେ ନିର୍ମିତ। ମନ୍ଦିରରେ ନେତ୍ର, ସ୍ନାନ ଉତ୍ସବ ଆଦି ଅନେକ ପୂଜାର୍ଚ୍ଚନା କରାଯାଏ। ପୁରୀରେ ନବକଳେବର ସମୟରେ ନୂତନ ଆବରଣ ଦିଆଯାଇ ରଙ୍ଗ କରାଯାଏ। ମନ୍ଦିରର ଉଚ୍ଚତା ୩୨ଫୁଟ, ଦୈର୍ଘ୍ୟ ୧୮ଫୁଟ ଓ ପ୍ରସ୍ଥ ୧୪ ଫୁଟ ହୋଇଥିବାରୁ ଏହା କୋଣାର୍କ ମୁଖଶାଳାର ଶୈଳୀରେ ନିର୍ମିତ ବୋଲି କୁହାଯାଏ। ଏହା ଉପରେ ଚୂନର ଆବରଣ ଥିବାରୁ ଏଥି ମଧ୍ୟରେ ଅନେକ କାରୁକାର୍ଯ୍ୟ ଲୁଚି ରହିଥିବା ଅନୁମାନ କରାଯାଏ। ଏହା ସହ ମନ୍ଦିରର ଉପର ଭାଗରେ ଉଲଗ୍ନ ମାନବ ଓ ସିଂହ ମୂର୍ତ୍ତି ଅଛି। ମନ୍ଦିରର ଭିତର ପାର୍ଶ୍ୱରେ ଅନେକ ଦେବଦେବୀ ଯଥା ବ୍ରହ୍ମା, ବିଷ୍ଣୁ, ମହେଶ୍ୱର, ହନୁମାନ, ବରାହ ନୃସିଂହ, ଗଣେଶ ଆଦି ପୂଜିତ ହୁଅନ୍ତି। ମନ୍ଦିରର ନିର୍ମାଣ କାଳ ବିଷୟରେ ଏଯାଏ କୌଣସି ଠିକ୍ ତଥ୍ୟ ମିଳିପାରିନାହିଁ। ପୂଜକମାନଙ୍କ କହିବା ଅନୁସାରେ, ପୁରୀ ଜିଲାର ଶ୍ରୀରାମପୁର ଶାସନ ଗ୍ରାମରୁ ସାଧୁ ଚରଣ ମିଶ୍ର ନାମକ ଜଣେ ବ୍ରାହ୍ମଣ ଲକ୍ଷ୍ମୀ ଓ ଦଧିବାମନ ମୂର୍ତ୍ତିକୁ ନେଇ ଆସି ଏଠାରେ ଅବସ୍ଥିତ କରି ପୂଜା କରିଥିଲେ। ସେ ସମୟରେ ପୁରୀରୁ ବ୍ରାହ୍ମଣ ଆସିବା ଖବର ପାଇ ସେହି ଅଞ୍ଚଳର ପଟ୍ଟନାୟକ ପରିବାର ତାଙ୍କ ଗୃହ ଦେବତାଙ୍କୁ ପୂଜା କରିବାକୁ ଅନୁରୋଧ କରିଥିଲେ। ସମୟ ବିତିବା ସହିତ ପଟ୍ଟନାୟକ ବଂଶଧରମାନେ ଶ୍ରୀ ଜୀଉଙ୍କ ପୂଜା ପାଇଁ ଜମି ଦେଇଥିଲେ। କାଳକ୍ରମେ ଶ୍ୟାମଚରଣ ନାମକ ବାବାଜି ଏ ଅଞ୍ଚଳକୁ ଏକ ନୃସିଂହ ମୂର୍ତ୍ତି ଧରି ଆସି ପହଞ୍ଚିଥିଲେ। ସମୟକ୍ରମେ ବାବାଜିଙ୍କ ଶେଷ ସମୟରେ ସେ ଏହି ମୂର୍ତ୍ତିକୁ ସାଧୁଚରଣଙ୍କୁ ପୂଜା କରିବାକୁ କହିଥିଲେ। କିନ୍ତୁ ମୂର୍ତ୍ତିଟି ନୃସିଂହ ଅବତାର ଥିବାରୁ ସେ ମନା କରିଥିଲେ। ତେଣୁ ବାବାଜି ଶ୍ରୀ ଜଗନ୍ନାଥ ରୂପକ ବିଗ୍ରହ ମଧ୍ୟରେ ନୃସିଂହ ମୂର୍ତ୍ତି ସ୍ଥାପନ କରି ଜୀବନ୍ୟାସ ଦେଇଥିଲେ। ପରେ ତାଙ୍କର ପରଲୋକ ଘଟିଥିଲା। ଏଣୁ ବାବାଜିଙ୍କ ନାମ ଅନୁସାରେ ମୂର୍ତ୍ତିର ନାମ ଶ୍ୟାମସୁନ୍ଦର ଜୀଉ ରଖାଯାଇଥିବା ଅନୁମାନ କରାଯାଏ। ଶ୍ୟାମସୁନ୍ଦର ମନ୍ଦିରକୁ ବହୁ ଦୂରଦୂରାନ୍ତରୁ ଭକ୍ତ ଦର୍ଶନ କରିବା ପାଇଁ ଆସନ୍ତି। ଅନେକ ଭକ୍ତ ମାନସିକ ପୂରଣ ପରେ ମଧ୍ୟ ନୀତି କରି ଭୋଗ ଦେଉଥିବା ଦେଖିବାକୁ ମିଳେ। ଏହି ଅଞ୍ଚଳର ପ୍ରାୟତଃ ବିବାହ ଉତ୍ସବ ଏଠାରେ କରାଯାଏ। ପ୍ରତି ବର୍ଷ କାର୍ତ୍ତିକ ପୂର୍ଣ୍ଣମୀରେ ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ନେତୃତ୍ୱରେ ୧୯୭୫ରୁ ବୋଇତ ବନ୍ଦାଣ ଉତ୍ସବ ପାଳନ କରାଯାଏ। ଏହାକୁ ଦେଖିବା ପାଇଁ ବହୁ ଲୋକଙ୍କ ସମାଗମ ଘଟେ।

# ଚର୍ମବିଣ୍ଡି ରୋଗ ପାଇଁ ଜିଲାରେ ଟିକାକରଣ ଆରମ୍ଭ

ଯାଜପୁର ଟାଉନ,୧୮।୧୨(ଡି.ଏନ.ଏ.):

ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ ଜିଲା ପରେ ସୀମାବର୍ତ୍ତୀ ଜିଲା ଯାଜପୁରରେ ଗୋରୁଙ୍କୁ ଚର୍ମବିଣ୍ଡି ରୋଗ ବ୍ୟାପିବାରେ ଲାଗିଛି। ଏଥିପାଇଁ ଗୋପାଳକମାନେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ତେଣୁ ଏଭଳି ପରିସ୍ଥିତିକୁ ସାମ୍ନା କରିବା ପାଇଁ ଜିଲା ପ୍ରାଣୀ ସମ୍ପଦ ବିକାଶ ବିଭାଗ ତରଫରୁ ଟିକାକରଣ ବ୍ୟବସ୍ଥା ଆରମ୍ଭ କରାଯାଇଛି। ବିଭାଗ ପକ୍ଷରୁ ୨ ଲକ୍ଷ ୨୦ ହଜାର ଟିକା ସମସ୍ତ ୧୦ ବ୍ଲକ୍‌କୁ ଯୋଗାଇ ଦିଆଯାଇଛି। ରୋଗ ବ୍ୟାପୀ ନ ଥିବା ଅଞ୍ଚଳରେ ଜରୁରିକାଳୀନ ଭାବେ ଟିକା ଦିଆଯିବା ପାଇଁ ସମସ୍ତ ଗୋଷ୍ଠୀ ପ୍ରାଣୀଧନ ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ବ୍ଲକ୍‌ରେ ଭ୍ରାମ୍ୟମାଣ ଗାଡ଼ି ନିୟୋଜିତ କରାଯାଇଛି। ଗୋରୁଙ୍କୁ ରୋଗମୁକ୍ତ ପାଇଁ ଗୁହାଳଗୁଡିକ ସଫାସୁତରା ରଖିବା ସହିତ ଆକ୍ରାନ୍ତ ଗୋରୁଙ୍କୁ ପ୍ରତିଦିନ ୧୦୦ ଗ୍ରାମ୍ ଗୁଡ଼ ପାଣି ଅତିକମ୍‌ରେ ୭ ଦିନ ଦିଆଯିବା ପାଇଁ ବିଭାଗ ତରଫରୁ କୁହାଯାଇଛି।

ଆରମ୍ଭରୁ ଚିକିତ୍ସା କଲେ ଗୋରୁଙ୍କ ରୋଗ ଶୀଘ୍ର ଭଲ ହୋଇଥାଏ। ଯଦି ଏହି ରୋଗରେ କୌଣସି ପ୍ରାଣୀର ମୃତ୍ୟୁ ଘଟେ ତେବେ ମୃତ ପ୍ରାଣୀକୁ ଏଣେତେଣେ ନ ଫିଙ୍ଗି ଖୋଲାରେ ଗାତ ଖୋଳି ଚୂନ ଓ ଲୁଣ ଦେଇ ପୋତିଦେବାକୁ ପରାମର୍ଶ ଦିଆଯାଇଛି। ଯଦି କୌଣସି ଅଞ୍ଚଳରେ ଏହି ରୋଗ ଦେଖାଦିଏ ତେବେ ତୁରନ୍ତ ନିକଟସ୍ଥ ପ୍ରାଣୀଧନ ଚିକିତ୍ସା କେନ୍ଦ୍ର ସହ ଯୋଗାଯୋଗ କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହା ଚର୍ମଜନିତ ଭୂତାଣୁ ରୋଗ ହୋଇଥିବାରୁ ଆପେଆପେ ସଂକ୍ରମଣ ହୋଇ ଭଲ ହୋଇଯାଏ। କିନ୍ତୁ ଉପଯୁକ୍ତ ଯତ୍ନ ନେଲେ ୨/୩ ସପ୍ତାହ ମଧ୍ୟରେ ଗୋରୁ ଭଲ ହୋଇଯାଆନ୍ତି। ତେଣୁ ଏଥିପାଇଁ ଆତଙ୍କିତ ନ ହୋଇ ସମସ୍ତ ସତର୍କତା ଅବଲମ୍ବନ କରିବା ଆବଶ୍ୟକ ବୋଲି ଜିଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସା ଅଧିକାରୀ ପ୍ରକାଶ କରିଛନ୍ତି।

# ବରଜପୁର ସତ୍ୟସାଇ ସେବା ସମିତି ବାର୍ଷିକ ଉତ୍ସବ



ଉତ୍ସବରେ ଯୋଗଦେଇଥିବା ଶ୍ରଦ୍ଧାଳୁମାନେ।

ରସୁଲପୁର,୧୮।୧୨(ଡି.ଏନ.ଏ.):

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତର ବରଜପୁର ସତ୍ୟସାଇ ସେବା ସମିତି ପକ୍ଷରୁ ୧୯ତମ ବାର୍ଷିକ ଉତ୍ସବ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବ ପ୍ରାତଃହ ୪ଟା୩୦ରୁ ନଗର ସଂକୀର୍ତ୍ତନରୁ ଆରମ୍ଭ ହୋଇ ସନ୍ଧ୍ୟାରେ ଆରତି ଉତ୍ସବରେ ଶେଷ ହୋଇଛି। ଏଥିରେ ୧୨ଟି ଗ୍ରାମରୁ ଶତାଧିକ ଭକ୍ତ ଯୋଗ ଦେଇଥିଲେ। ପ୍ରାତଃହରେ ସତ୍ୟ ସାଇଙ୍କ ଉଦ୍ଦେଶ୍ୟରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଠାକୁରଙ୍କ ନିକଟରେ ଷୋଡ଼ଶ ଉପଚାର ପୂଜା, ବେଦ, ଭଜନ, ଜ୍ୟୋତି ଆବାହନ, ସ୍ୱାମୀଙ୍କୁ କୃତଜ୍ଞତାର ପତ୍ର ଅର୍ପଣ, ବାଲ ବିକାଶ ପିଲାଙ୍କ ଦ୍ୱାରା ସ୍ୱାଗତ ବନ୍ଦନା, ଆଧ୍ୟାତ୍ମିକ ଆଲୋଚନା, ପୂଜ୍ୟପୂଜାକୁ ସମ୍ମାନ, ଭକ୍ତଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ନାରାୟଣ ସେବା ଓ ବସ୍ତ୍ର ଦାନ, ବିଭିନ୍ନ ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟ, କୃତଜ୍ଞତା ଜ୍ଞାପନ ଏବଂ ଆରତୀ ଉତ୍ସବ ଅନୁଷ୍ଠିତ ହୋଇଥିଲା।

ଏହି ଅବସରରେ ଆୟୋଜିତ ଏକ ଆଧ୍ୟାତ୍ମିକ ଆଲୋଚନା କାର୍ଯ୍ୟକ୍ରମରେ ଯାଜପୁର ଜିଲା ସତ୍ୟସାଇ ସଂଗଠନ ସଭାପତି ଡା. ନିଶିକାନ୍ତ କର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସତ୍ୟସାଇ ସେବା ସଂଗଠନ ଟ୍ରଷ୍ଟ ଓଡ଼ିଶାର ସଦସ୍ୟ ରଶ୍ମିରଞ୍ଜନ ରାୟ, ଜିଲା ସତ୍ୟସାଇ ସଂଗଠନ କେନ୍ଦ୍ରାପଡ଼ାର ବରିଷ୍ଠ ସଦସ୍ୟ ନଗେନ୍ଦ୍ର ପତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସତ୍ୟସାଇଙ୍କ ମହିମା ସମ୍ପର୍କରେ ପ୍ରବଚନ ପ୍ରଦାନ କରିଥିଲେ। ଉତ୍ସବରେ ବରଜପୁର, ବାରବାଟୀ, ଫୁଲାଡି, ଦୁର୍ଗାପୁର, ଓଡ଼ଙ୍ଗ, ବାମଦେଇପୁର, ଝାଟିଆ, ଭଗତପୁର, ଜଗନ୍ନାଥପୁର, ବ୍ରାହ୍ମଣବାଡ଼, ହରିଡ଼ାପାଳ ଓ ମାଣତିର ଆଦି ଗ୍ରାମରୁ ୧୪୩ ସଭ୍ୟାସଭ୍ୟ ଯୋଗଦେଇ ଭଜନମଣ୍ଡଳି ଅଧିନରେ ଚାଲିଥିବା ୨ଟି ବାଲବିକାଶ କେନ୍ଦ୍ର ଓ ୫ଟି ଭଜନ କେନ୍ଦ୍ର ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

# ୯ରେ ଯାଜପୁରରେ ପହଞ୍ଚିବ ହକି ବିଶ୍ୱ କପ୍ ଟ୍ରଫି



ବୈଠକରେ ଯୋଗ ଦେଇଥିବା ଅଧିକାରୀ ଓ ଅନ୍ୟମାନେ।

ଯାଜପୁର ଟାଉନ,୧୮।୧୨(ଡି.ଏନ.ଏ.):

**ସ୍ୱାଗତ ପାଇଁ ଜିଲା ପ୍ରଶାସନର ପ୍ରସ୍ତୁତି ବୈଠକ**

ରାଜ୍ୟରେ ପୁରୁଷ ହକି ବିଶ୍ୱକପ୍-୨୦୨୩କୁ ଉତ୍ସବମୁଖର କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ୨୦୨୩ ଜାନୁୟାରୀ ୧୩ରୁ ୨୬ ତାରିଖ ପର୍ଯ୍ୟନ୍ତ ହେବାକୁଥିବା ଏହି ବିଶ୍ୱକପ୍‌କୁ ସ୍ମରଣୀୟ କରିବା ପାଇଁ ରାଜ୍ୟର ପ୍ରତି ଜିଲାରେ ହକି ବିଶ୍ୱକପ୍ ଟ୍ରଫି ପରିକ୍ରମା କରିବ। ଏହି ମର୍ମରେ ଆସନ୍ତା ଜାନୁୟାରୀ ୯ରେ ହକି ବିଶ୍ୱକପ୍ ଟ୍ରଫି ଯାଜପୁର ଜିଲାରେ ପହଞ୍ଚିବ। ତେଣୁ ଏହାର ଭବ୍ୟ ସମ୍ବର୍ଦ୍ଧନା ପାଇଁ ଜିଲା ପ୍ରଶାସନ ତରଫରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକ ଅଧକ୍ଷତା କରିଥିଲେ। ଏହି ଅବସରରେ ସେ କହିଥିଲେ, ଜାନୁୟାରୀ ୯ ଅପରାହ୍ନରେ ଭଦ୍ରକ ଜିଲା ପ୍ରଶାସନଠାରୁ ଛତାବରଠାରେ ହକି ବିଶ୍ୱକପ୍ ଟ୍ରଫି ଗ୍ରହଣ କରାଯାଇ ସେଠାରୁ ଗାନ୍ଧୀଛକ ଅଣାଯିବ। ସ୍ୱାଗତପୂର୍ବକ ଏକ ଭବ୍ୟ ଶୋଭାଯାତ୍ରାରେ କୁସୁମାସ୍ଥିତ କ୍ରିକେଟ୍ ଷ୍ଟାଡିୟମକୁ ନିଆଯିବ ଏବଂ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ କିଛି ସମୟ ସେଠାରେ ରଖାଯିବ। ଏହି ସମୟ ଭିତରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ଏଲ୍‌ଇଡି ସ୍କ୍ରିନ୍ ମାଧ୍ୟମରେ ହକି କ୍ରୀଡ଼ା ସମ୍ବନ୍ଧୀୟ ଡକୁମେଣ୍ଟାରି ପ୍ରଦର୍ଶନ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ କ୍ରୀଡ଼ାପ୍ରେମୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଜନପ୍ରତିନିଧି ଓ ସାଧାରଣ ଜନତାଙ୍କୁ ସାମିଲ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। କୁସୁମାଠାରେ ସ୍ୱାଗତ ଉତ୍ସବ ପରେ ବିଶ୍ୱକପ୍ ଟ୍ରଫି କେନ୍ଦ୍ରାପଡ଼ା ଜିଲା ଅଭିମୁଖେ ଯାତ୍ରା କରିବ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ(ପ୍ରଶାସନ) ଦୁଃଖବନ୍ଧୁ ନାୟକ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁ, ପ୍ରାକ୍ତନ ପୌରାଧ୍ୟକ୍ଷ ଭବପ୍ରସାଦ ଦାସ, ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକଙ୍କ ସମେତ ବିଭାଗୀୟ ଅଧିକାରୀ ଓ କ୍ରୀଡ଼ା ସଂଗଠକମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ୩ ବାଲି ବୋଝେଇ ଗାଡ଼ି ଜବତ

ରସୁଲପୁର,୧୮।୧୨(ଡି.ଏନ.ଏ.):

ରସୁଲପୁର ତହସିଲ ପକ୍ଷରୁ ଏକ ଚଢ଼ାଉକାରୀ ଦଳ ରବିବାର ବେଆଇନ ବାଲି ପରିବହନରେ ନିୟୋଜିତ ୩ଟି ଗାଡିକୁ ଜବତ କରିଛି। ଜବତ ଗାଡ଼ି ମଧ୍ୟରେ ୨ ଟ୍ରାକ୍ଟର ଓ ଏକ ୪୦୭ ରହିଛି। ଏ ସମ୍ପର୍କରେ ଗାଡ଼ି ମାଲିକଙ୍କୁ ଅବଗତ କରାଯାଇଛି। ସେମାନେ ଗାଡ଼ିର କାଗଜାତ୍ ଓ ବାଲି ପରିବହନ ନେଇ ଥିବା ଅନୁମତିପତ୍ର ଦେଖାଇବା ପରେ ଗାଡ଼ି ଛାଡ଼ି ଦିଆଯିବ। ନଚେତ୍ ଗାଡ଼ିଗୁଡିକ ନିକଟରୁ ଜରିମାନା ଆଦାୟ କରାଯିବ ବୋଲି ସୂଚନା ମିଳିଛି।

ତହସିଲ ଅଧୀନ ଅତଲାପୁର ପଞ୍ଚାୟତର ବାଲିପାଟଣା ନିକଟସ୍ଥ ବ୍ରାହ୍ମଣୀ ନଦୀରୁ ବେଆଇନ ବାଲି ଚାଲାଣ ହେଉଥିବା ଖବରପାଇ ଚଢ଼ାଉକରି ଦଳ ପହଞ୍ଚ ଘାଟ ନିକଟରୁ ଏକ ଟ୍ରାକ୍ଟର ଜବତ କରିଥିଲା। ଏଥିସହ କଲଣ ସ୍ଥିତ ନୂଆହାଟ ଘାଟରୁ ଏକ ଟ୍ରାକ୍ଟର ଓ ଯାବରା ଘାଟରୁ ଏକ ବାଲି ବୋଝେଇ ୪୦୭କୁ ଜବତ କରାଯାଇଥିଲା। ଜବତ ଗାଡ଼ି ଦୁଇଟି ନିକଟରେ ବାଲି ପରିବହନ ନେଇ କୌଣସି କାଗଜାତ୍ ନ ଥିଲା। ବେଆଇନ ପରିବହନ ଆଧାରରେ ୩ଟି ଗାଡ଼ିକୁ ତହସିଲ ଅଫିସକୁ ଅଣାଯାଇଥିଲା। ଚଢ଼ାଉରେ ସୁପରଭାଇଜର ସନ୍ତୋଷ କୁମାର ପରିଡ଼ା, ଆଦାମପୁର ରାଜସ୍ୱ ନିରୀକ୍ଷକ ମନୋଜ କୁମାର କବି, ପହଁଗା ରାଜସ୍ୱ ନିରୀକ୍ଷକ ରମେଶ ଚନ୍ଦ୍ର ସାହୁ, କସ୍ବା ରାଜସ୍ୱ ନିରୀକ୍ଷକ ଦେବପ୍ରସାଦ ମହନ୍ତ ପ୍ରମୁଖ ସାମିଲ ହୋଇଥିଲେ।

# ଯାଜପୁର ଜିଲା ସ୍କୁଲ୍‌ର ବାର୍ଷିକ ଉତ୍ସବ

ଯାଜପୁର ଟାଉନ,୧୮।୧୨(ଡି.ଏନ.ଏ.):

ଯାଜପୁର ଜିଲା ସ୍କୁଲ୍‌ର ୧୪୦ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଆଲୋକ କୁମାର ବନ୍ଧଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ଯାଜପୁର ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ଶିକ୍ଷୟିତ୍ରୀ ଶାଶ୍ୱତୀ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥିଭାବେ ଯାଜପୁର ପୌରପାଳିକାର ପୂର୍ବତନ ଅଧ୍ୟକ୍ଷ ଭବପ୍ରସାଦ ଦାସ, ମୁଖ୍ୟ ବକ୍ତା ସେଣ୍ଟ ଜୋନ୍ ଆମ୍ବୁଲାନ୍ସ ଓଡ଼ିଶାର ସମ୍ପାଦକ ଡ. ସନତ୍ ପଟ୍ଟନାୟକ, ଯାଜପୁର ପୌରପାଳିକା ଅଧ୍ୟକ୍ଷା ରଞ୍ଜୁଲତା ହୋତା, ଅତିରିକ୍ତ ଜିଲା ଶିକ୍ଷାଧିକାରୀ କୃତ୍ତିବାସ ବାରିକ, ରାଜେଶ କୁମାର ସ୍ୱାଇଁ ଓ ଶଶିଧର ସିଂହ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଜିଲା ହାଇସ୍କୁଲ୍‌ର ହିନ୍ଦୀ ଶିକ୍ଷକ ଜମିରୁଦ୍ଦିନ୍ ଖାଁ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନ୍ୟତମ ବିଶିଷ୍ଟ ସମ୍ମାନିତ ଅତିଥିଭାବେ ଜିଲା ସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ବିଶ୍ୱମ୍ଭର ମିଶ୍ର ଯୋଗଦେଇ ଏହି ଐତିହ୍ୟସମ୍ପନ୍ନ ସ୍କୁଲ୍‌ର ଛାତ୍ରୀଛାତ୍ରଙ୍କ କୃତିତ୍ୱ ଓ ଏହି ମହାନ୍ ବିଦ୍ୟାଳୟର ଗରିମା ଉପରେ ଆଲୋକପାତ କରିଥିଲେ। ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ଉଦ୍ୟମରେ ଏହି ସ୍କୁଲ୍‌ର ବହୁ ଉନ୍ନୟନମୂଳକ କାର୍ଯ୍ୟ ହୋଇଛି। ଆହୁରି ଅନେକ କାର୍ଯ୍ୟ ହେବାର ଯୋଜନା ପ୍ରସ୍ତୁତ ହୋଇଥିବା ସ୍କୁଲ୍ ପ୍ରଧାନ ଶିକ୍ଷକ ପ୍ରକାଶ କରିଥିଲେ। ଉତ୍ସବ ପାଳନରେ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିବାରୁ ପ୍ରଧାନ ଶିକ୍ଷକ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




ବାର୍ଷିକ ଉତ୍ସବ ଅବସରରେ ଅତିଥି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

# ଗୃହ ନାହିଁ, ସରପଞ୍ଚଙ୍କ ଘରେ ଚାଲିଛି ଅଫିସ କାମ

**ପ୍ରଶାସନର ଦୃଷ୍ଟି ଆଢୁଆଳରେ ହଳଦିଡିହ ପଞ୍ଚାୟତ**

ପ୍ରୀତିପୁର,୧୮।୧୨(ଡି.ଏନ୍.ଏ):

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ହଳଦିଡିହ ପଞ୍ଚାୟତ ଗଠନର ୨୦ ବର୍ଷ ପରେ ମଧ୍ୟ ଏଠାରେ ଅଫିସ ଗୃହ ନିର୍ମାଣ ହୋଇ ପାରିନାହିଁ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀରେ ଏଭଳି ଅବହେଳାକୁ ଲୋକେ ସହଜେ ଗ୍ରହଣ କରି ପାରିନାହାନ୍ତି। ୨୦୦୨ରେ ଆଉଁରୀ ପଞ୍ଚାୟତରୁ ପୃଥକ୍ ହୋଇ ହଳଦିଡିହ ଏକ ନୂତନ ପଞ୍ଚାୟତ ଭାବେ ମାନ୍ୟତା ପାଇଥିଲା। ଇତି ମଧ୍ୟରେ ୨୦୦୨, ୨୦୦୭, ୨୦୧୨, ୨୦୧୭ ଏବଂ ୨୦୨୨ରେ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବା ସହିତ ସରପଞ୍ଚ ଓ ସମିତିସଭ୍ୟମାନେ ନିର୍ବାଚିତ ହୋଇଛନ୍ତି। ହଳଦିଡିହ, ଫଳପୁର, ଚମ୍ପାପାଳ, ଗୁହାଳୀ, ଅଣ୍ଡାଳ ଆଦି ରାଜସ୍ୱ ଗ୍ରାମକୁ ନେଇ ଏହି ପଞ୍ଚାୟତ ଗଠିତ ହୋଇଛି। ପ୍ରାୟ ୬ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ବସବାସ କରୁଥିବା ଏହି ପଞ୍ଚାୟତଟି ସର୍ବଦା ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥାଏ। ଚାଷ ଓ ଗୋପାଳନ ନିମନ୍ତେ ନିର୍ଭରଶୀଳ ଉକ୍ତ ପଞ୍ଚାୟତର



ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଞ୍ଚାୟତ କାର୍ଯ୍ୟାଳୟ।

ଜନସାଧାରଣ ପ୍ରତି ବର୍ଷ ଖରସ୍ରୋତାର ଶାଖାନଦୀ ନୂଆମାହାରାର ବନ୍ୟାଜଳ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥାନ୍ତି। ଫଳରେ ବନ୍ୟା ସମୟରେ ରିଲିଫ୍ ସାମଗ୍ରୀଠାରୁ ଆରମ୍ଭ ଭତ୍ତା ଓ ଅନ୍ୟାନ୍ୟ ସରକାରୀ ଯୋଜନାରେ ଆବେଦନ କରିବାକୁ ପଞ୍ଚାୟତ କାର୍ଯ୍ୟାଳୟକୁ ଯିବାକୁ ପଡିଥାଏ। ମାତ୍ର ଏଠାରେ ପଞ୍ଚାୟତ କାର୍ଯ୍ୟାଳୟ ନ ଥିବା ଯୋଗୁ ଜନସାଧାରଣ ନାହିନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଯେଉଁମାନେ ସରପଞ୍ଚ ନିର୍ବାଚିତ ହେଉଛନ୍ତି ସେମାନ ନିଜ ଘରେ କାର୍ଯ୍ୟାଳୟ ଚଳାଇବାକୁ ବାଧ ହେଉଛନ୍ତି। ପ୍ରଶାସନ ପକ୍ଷରୁ ପ୍ରାୟ ୨ ବର୍ଷ ତଳେ ଫଳପୁର ଗ୍ରାମଠାରେ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ଆରମ୍ଭ ହୋଇଥିଲା। ହେଲେ କୌଣସି ବାଦବିବାଦ ଯୋଗୁ ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡିରହିଛି। ଏ ସଂକ୍ରାନ୍ତରେ ସରପଞ୍ଚ ଅନୁପମା ନାୟକଙ୍କୁ ପଚାରିବାରୁ ଜମି ଚିହ୍ନଟ ବିବାଦ ଯୋଗୁ ପଞ୍ଚାୟତ କାର୍ଯ୍ୟାଳୟ ଅଧପନ୍ତରିଆ ଭାବେ ପଡିରହିଛି। ଖୁବ୍ ଶୀଘ୍ର ଏହାର ସମାଧାନ ହେବ ବୋଲି ସେ କହିଥିଲେ।

## ସ୍କୁଲ ରୂପାନ୍ତରୀକରଣ କାର୍ଯ୍ୟ ତଦାରଖ କଲେ ବିଡିଓ

ରଘୁନାଥପୁର, (ଡି.ଏନ୍.ଏ.): ରଘୁନାଥପୁର ବ୍ଲକ ତଅାଁରା ପଞ୍ଚାୟତ ଅନ୍ତର୍ଗତ ରାମଚନ୍ଦ୍ରପୁରସ୍ଥିତ ଜୟପ୍ରକାଶ ଶିକ୍ଷାନିକେତନରେ ଆୟୋଜିତ କ୍ରୀଡ଼ା ପ୍ରତିଯୋଗିତାରେ ବିଡିଓ ଲମ୍ବୋଦର ଖୁଣ୍ଟିଆ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ୫-ଟି ରୂପାନ୍ତରୀକରଣ କାର୍ଯ୍ୟ ତଦାରଖ କରିଥିଲେ। ସେ ବିଦ୍ୟାଳୟରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ବଟକୃଷ୍ଣ ନାୟକ ଓ ସମିତି ସଭ୍ୟା ଶାନ୍ତିଲତା ଦ୍ୱିବେଦୀଙ୍କ ସହ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଜିପିଓ ସ୍ମାରକ ରଞ୍ଜନ ମହାନ୍ତି, ପ୍ରଧାନଶିକ୍ଷକ ରଞ୍ଜନ କୁମାର ମିଶ୍ର, ସୁବାଷ ଚନ୍ଦ୍ର ନାୟକ, ପରିଚାଳନା କମିଟି ସଭାପତି ପ୍ରକାଶ ଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ୨୨ରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

ବାଲିଆ, ୧୮।୧୨(ସ୍ୱ.ପ୍ର.): ବିରିଡି ବ୍ଲକ ଅନ୍ତର୍ଗତ ଉତ୍ତରଶାସନ ପଞ୍ଚାୟତ ମଧଶାସନ ମହାବୀର ମନ୍ଦିର ପରିସରରେ ୨୨ ଡିସେମ୍ବରରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୩ ଦିନ ଧରି ହେବାକୁ ଥିବା ଏହି ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମର ପ୍ରଥମ ଦିନରେ ମଞ୍ଚ ଉଦ୍‌ଘାଟନ କରାଯାଇ ଜଗନ୍ନାଥ କଥା ପ୍ରଚାରକ ବାବା ଦିବାକର ଦାସ ପ୍ରବଚନ ଦେବେ। ଦ୍ୱିତୀୟ ଦିନରେ ବକ୍ତୃତା, ସଙ୍ଗୀତ, ସାଧାରଣ ଜ୍ଞାନ, କୁହୁକ ଗଣିତ, ଏକକ ଅଭିନୟ ଓ ନୃତ୍ୟ ଆଦି ୩୨ ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ତୃତୀୟ ଦିନରେ ନୃତ୍ୟ ଓ ଅଭିନୟ ପ୍ରତିଯୋଗିତା ପରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ କଟକ ଓ ଜଗତ୍‌ସିଂହପୁର ଜିଲାର ବିଭିନ୍ନ ବିଦ୍ୟାଳୟର କୁନି ପ୍ରତିଭାମାନେ ଯୋଗ ଦେବେ ବୋଲି ବିଭୁପ୍ରସାଦ ଦାସ ସୂଚନା ଦେଇଛନ୍ତି।

## ଆଦର୍ଶ ଶିକ୍ଷକଙ୍କ ପରଲୋକ

ଆଲି,୧୮।୧୨(ଡି.ଏନ.ଏ.): ଆଲି ଅଞ୍ଚଳର ଆଦର୍ଶ ଶିକ୍ଷକ ଭାବେ ପରିଚିତ ହରିହର ସାହୁଙ୍କ ଗତ ଶୁକ୍ରବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ଆଲି ବ୍ଲକ ତେଲିପାଟଣା ଗାଁରେ ଜନ୍ମ ଗ୍ରହଣ କରିଥିବା ସ୍ୱର୍ଗତ ସାହୁ ଆଲି ହାଇସ୍କୁଲରେ ଶିକ୍ଷକତା ଆରମ୍ଭ କରି ଚୌଦ୍ୱାରର କୁମାରପୁର ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟକରି ଅବସର ନେଇଥିଲେ। ଅବସର ପରେ ଭୁବନେଶ୍ୱର ମହାଦେବନଗରସ୍ଥିତ ବାସଭବନରେ ରହୁଥିଲେ। ଶୁକ୍ରବାର ରାତିରେ ଛାତିରେ ଯନ୍ତ୍ରଣା ଅନୁଭବ କରିବା ପରେ ତାଙ୍କୁ ସ୍ଥାନୀୟ ଘରୋଇ ହସ୍ପିଟାଲକୁ ନେବା ବାଟରେ ତାଙ୍କର ପରଲୋକ ଘଟିଥିଲା। ମୃତ୍ୟୁ ବେଳକୁ ତାଙ୍କୁ ୮୨ବର୍ଷ ହୋଇଥିଲା। ତାଙ୍କ ମରଶରୀର ନିକଟରେ ସ୍ତ୍ରୀ ମାଳତି, ପୁଅ ଅରବିନ୍ଦ, ବୋହୂ ମିତାଞ୍ଜଳି, ଦୁଇଝିଅ ରଶ୍ମିରେଖା ଓ ବବିତା, ଜ୍ୱାଇଁ ଅକ୍ଷୟ, ପ୍ରଭାତ, ନାତି ସ୍ନେହାଂଶୁଙ୍କ ସମେତ ଧୀରେନ୍ଦ୍ର, ଆଶୁତୋଷ, ମନୀନ୍ଦ୍ର, ବୁଲୁ, ସିଲୁ, ନିଲୁ ଓ ସଞ୍ଜୟ ପ୍ରମୁଖ ଉପସ୍ଥିତ ଥିଲେ। ଖବରପାଇ ଡା. ରବୀନ୍ଦ୍ର ମହାପାତ୍ର, ଇଂ. ରମେଶ କୁମାର କରଣ, ବ୍ୟାଙ୍କ ଅଧିକାରୀ ପର୍ଶୁରାମ ନାୟକ, ତାପସ କୁମାର ସ୍ୱାଇଁଙ୍କ ସମେତ ବହୁ ପୁରାତନ ଛାତ୍ର ଓ ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କ ଶେଷ ଦର୍ଶନ କରିଥିଲେ। ଜଣେ ଆଦର୍ଶ ଶିକ୍ଷକ ଭାବେ ଅଞ୍ଚଳରେ ତାଙ୍କର ଅନେକ ଖ୍ୟାତି ଥିଲା। ଏହି ଖବର ଜଣାପଡିବା ପରେ ଆଲି ଅଞ୍ଚଳରେ ଶୋକର ବାତାବରଣ ଖେଳିଯାଇଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ପୁଅ ଅରବିନ୍ଦ ମୁଖାଗ୍ନି ଦେଇଥିଲେ।

# ରାସ୍ତାରେ ବାଲି ଗଦା, ବଢୁଛି ଜନ ଅସନ୍ତୋଷ

ଜଗତ୍‌ସିଂହପୁର ଅଫିସ, ୧୮।୧୨

■ ଭାରିଯାନ ଚଳାଚଳକୁ ନେଇ ଚିନ୍ତା
■ ମୁଖ୍ୟମନ୍ତ୍ରୀଙ୍କ ଅନୁଦାନ ଘୋଷଣା ସତ୍ତ୍ୱେ ଆଶଙ୍କାରେ ଲୋକେ

ଜଗତ୍‌ସିଂହପୁର ଜିଲାରେ ବାଲିଘାଟ ନିଲାମ କରି ରାଜ୍ୟ ସରକାର ମୋଟା ଅଙ୍କର ରାଜସ୍ୱ ପାଉଛନ୍ତି। କିନ୍ତୁ ରାସ୍ତା ଓ ଲୋକଙ୍କ ସ୍ୱାର୍ଥକୁ ଗୌଣ କରାଯାଉଥିବାରୁ ଜନ ଅସନ୍ତୋଷ ବଢୁଛି। ବିଶେଷକରି ବାଲି ବୋଝେଇ ହାଇୱାଗୁଡିକ ତୀବ୍ର ଗତିରେ ଯାତାୟାତ କରୁଥିବାରୁ ଦୁର୍ଘଟଣା ଘଟୁଛି। ଅଧିକାଂଶ ହାଇୱା ଡାଲା ଉପରେ ପାଲ ଘୋଡାଉ ନାହାନ୍ତି। ଏହାଦ୍ୱାରା ବାଲି ଉଡି ରାସ୍ତାରେ ଯାଉଥିବା ସାଇକେଲ ଓ ବାଇକ ଆରୋହୀ ଦୁର୍ଘଟଣାର ଶିକାର ହେଉଛନ୍ତି। କେବଳ ଏତିକି ନୁହେଁ, ରାସ୍ତାରେ ବାଲି ଗଦା ହୋଇ ରହୁଥିଲେ ସୁଦ୍ଧା ସେଗୁଡିକୁ ସଫା କରାଯାଉ ନ ଥିବାରୁ ରାତିରେ ଦୁର୍ଘଟଣା ଚିନ୍ତା ବଢ଼ାଉଛି। ଜିଲା ପ୍ରଶାସନ ପକ୍ଷରୁ ଭାରିଯାନ ଚଳାଚଳ ଉପରେ ଥିବା କଟକଣା ମଧ୍ୟ ପାଳନ ହେଉନାହିଁ। ଏସବୁ କାରଣରୁ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ଜଗତ୍‌ସିଂହପୁର-ଆଳିପିଙ୍ଗଳ ରାସ୍ତା କଥା ଆଲୋଚନା ପରିସରକୁ ନିଆଯାଇପାରେ। ଏହି ରାସ୍ତାରେ ପ୍ରତ୍ୟହ ସହସ୍ରାଧିକ ଭାରିଯାନ ଚଳାଚଳ କରୁଛି। ଆଳିପିଙ୍ଗଳ ନିକଟ ଦେବୀ ନଦୀ ଆରପଟ କଟକ ଜିଲା ନିଆଳି ଥାନା ଅନ୍ତର୍ଗତ କେତକେଶ୍ୱର ଓ ସିଠାଲୋ ବାଲିଘାଟରୁ


ଆଳି ପିଙ୍ଗଳ ପୋଲ ଉପରେ ଜମା ହୋଇଥିବା ବାଲି।

ବାଲି ବୋଝେଇ ହାଇୱା ଓ ଟ୍ରକ୍‌ଗୁଡିକ ଜଗତ୍‌ସିଂହପୁର ଜିଲାକୁ ଆସୁଛି। ଏଥିସହ ଦେବୀ ନଦୀର ଅନ୍ୟ ବାଲିଘାଟରୁ ବହୁ ସଂଖ୍ୟକ ବାଲି ବୋଝେଇ ଭାରିଯାନ ଆଳିପିଙ୍ଗଳ-ଦେବୀଦୋଳ ରାସ୍ତାରେ ଯାତାୟାତ କରୁଛି। ଏହି ଭାରିଯାନଗୁଡିକ କ୍ଷମତାଠାରୁ ଅଧିକ ପରିମାଣର ବାଲି ବୋଝେଇ କରି ଅବାଧରେ ରାସ୍ତାରେ ଯାଉଥିଲେ ସୁଦ୍ଧା ସେଗୁଡିକ ଉପରେ କଟକଣା କରାଯାଉ ନାହିଁ। ପୋଲିସ ଓ ରାଜସ୍ୱ କର୍ମଚାରୀମାନେ ବାଲିଘାଟ ନିଲାମଧାରୀଙ୍କଠାରୁ ମାସିକିଆ ଚାନ୍ଦା ନେଉଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ନେଇ ସାଧାରଣରେ ଅଭିଯୋଗ ହେଉଛି। ଏ ସମ୍ପର୍କରେ ସ୍ଥାନୀୟ କେତେଜଣ ବୁଦ୍ଧିଜୀବୀ ପ୍ରତିକ୍ରିୟାରେ କହିଛନ୍ତି, ରାସ୍ତାଗୁଡ଼ିକରୁ ବାଲି ସଫା କରାଯାଉ ନ ଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ବଡ କଥା ହେଲା ଓଭରଲୋଡିଂ ଭାରିଯାନଗୁଡ଼ିକ ଯୋଗୁ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡୁଛି। ଅନେକ ସ୍ଥାନରେ ରାସ୍ତା ଖାଲ ହେବା ସହ ଫାଟି ଯାଇଛି । ବାଲି ଗାଡି ଡାଲା ଉପରେ ପାଲ ଆଦି ଘୋଡାଯାଉ ନ ଥିବାରୁ ରାସ୍ତାରେ ପଡିବା ସହ ପାର୍ଶ୍ୱବର୍ତ୍ତୀ ଜନବସତି ପ୍ରତି ବିପଦ ସୃଷ୍ଟି କରୁଛି। ଏହି ଗାଡ଼ିଗୁଡିକ ଯୋଗୁ ଯାତାୟାତରେ ବାଧା ସୃଷ୍ଟି ହେଉଛି। ଏପରି କି କୌଣସି ରୋଗୀ, ଗର୍ଭବତୀ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ଅନ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ଯିବାକୁ ହେଲେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେତେକ ରାସ୍ତାରେ କାର୍‌ରେ ଯାତାୟାତ ବିପଦପୂର୍ଣ୍ଣ ହୋଇପଡ଼ିଛି।

ଏଥିପାଇଁ ରୋଗୀ ଓ ଗର୍ଭବତୀ ଅନେକ ସମୟରେ ଅଟୋ ଓ ବାଇକ୍ ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛନ୍ତି। ଅତୀତରେ ବାଲି ବୋଝେଇ ହାଇୱା ଯୋଗୁ ରାସ୍ତା ଖରାପ ଓ ଦୁର୍ଘଟଣା ଘଟୁଥିବା ଦର୍ଶାଇ ଲୋକେ ଆନ୍ଦୋଳନ କରିଥିଲେ। ଏନେଇ କିଛି ଦିନ ପରିସ୍ଥିତି ସ୍ୱାଭାବିକ ହୋଇଥିଲେ ସୁଦ୍ଧା ଏବେ ଯଥା ପୂର୍ବ ତଥା ପର ସ୍ଥିତିରେ ରହିଛି । ଗଳଧାରୀ ଓ ଏରଡ଼ା ବାଲିଘାଟରୁ ପ୍ରତ୍ୟହ ଶତାଧିକ ଟ୍ରିପ୍ ବାଲି ନଦୀ ବନ୍ଧ ରାସ୍ତାରେ ଯାଉଛି। ପାଖାପାଖି ୬ବର୍ଷ ତଳେ ଏହି ରାସ୍ତା ନବୀକରଣ କରାଯାଇଥିଲା । କିନ୍ତୁ ଏବେ ଏହି ରାସ୍ତାରେ ଚାଲିକରି ଯିବା କଷ୍ଟକର ହୋଇ ପଡିଛି। ବିଶେଷକରି ରାତିରେ ପରିସ୍ଥିତି ଜଟିଳ ହୋଇଯାଉଛି। ଦେବୀ ନଦୀ ପାର୍ଶ୍ୱ ଏହି ରାସ୍ତା ନିର୍ମାଣ ସମୟରେ ଲୋକେ ଆଶ୍ୱସ୍ତ ହୋଇଥିଲେ। କାରଣ ଜଗତ୍‌ସିଂହପୁରରୁ ଦେବୀଦୋଳ ପର୍ଯ୍ୟନ୍ତ ଏହି ରାସ୍ତାଟି ଲୋକଙ୍କ ପାଇଁ ଅଧିକ ଉପଯୋଗୀ ଅନୁଭବ କରାଯାଉଥିଲା। କିନ୍ତୁ କମ୍ ଦିନ ଭିତରେ ଏହା ଖରାପ ହୋଇଯାଇଥିଲା। ଗତ ୧୫ ତାରିଖରେ ମୁଖ୍ୟମନ୍ତ୍ରୀ ଏହି ରାସ୍ତାର ଉନ୍ନତୀକରଣ ପାଇଁ ୯ କୋଟି ୮୪ ଲକ୍ଷ ୬୪ ହଜାର ଟଙ୍କା ବ୍ୟୟ ଘୋଷଣା କରିଛନ୍ତି। ସେହିପରି ଜଗତ୍‌ସିଂହପୁର-ଆଳିପିଙ୍ଗଳ ପ୍ରଶସ୍ତୀକରଣ ଓ ଦୃଢୀକରଣ ନେଇ ୧ କୋଟି ୩୭ ଲକ୍ଷ ୨୧ ହଜାର ଟଙ୍କା ଅନୁଦାନ ଘୋଷଣା କରିଛନ୍ତି। ଏହି କାର୍ଯ୍ୟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ତେବେ ରାସ୍ତା କାମ ପରେ ପୁଣି ଖରାପ ହେବା ଭୟ ଲୋକଙ୍କ ପାଇଁ ଚିନ୍ତା ବଢାଇ ଦେଇଛି। ଏ ସମ୍ପର୍କରେ ଜଗତ୍‌ସିଂହପୁର ଆଇଆଇସି ପ୍ରଭାସ ଚନ୍ଦ୍ର ସାହୁ କୁହନ୍ତି, ଓଭର ଲୋଡ୍ ଓ ବାଲି ବୋଝେଇ ଗାଡ଼ିର ଡାଲା ଉପରେ ପାଲ ବା ଜରି ଘୋଡା ଯାଉ ନ ଥିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଆମୋନିଆ ଗ୍ୟାସ୍ ନିର୍ଗତ ପ୍ରତିକାର ପାଇଁ ମକଡ୍ରିଲ୍

ପାରାଦୀପ,୧୮।୧୨(ସ୍ୱ.ପ୍ର.)

ପାରାଦୀପ ଫସ୍‌ଫେଟ୍‌ସ ଲିମିଟେଡ (ପିପିଏଲ) ପକ୍ଷରୁ ଆମୋନିଆ ନିର୍ଗତ ପ୍ରତିକାର ଉପରେ ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି। କାରଖାନା ଓ ବାଷ୍ପିତ ବିଭାଗର ନିର୍ଦ୍ଦେଶ ଅନୁଯାୟୀ ଏହି ମକଡ୍ରିଲରେ ପାରାଦୀପ ବନ୍ଦର, ଇଫ୍‌କୋ, ଏନଡିଆରଏଫ, କୁଜଙ୍ଗ ଅଗ୍ନିଶମ ବିଭାଗ, ଆଇଓସିଏଲ୍, ବିପିଏଲ୍, ଏଚ୍‌ପିସିଏଲ୍, ଏସାର ପାୱାର, ଏଏମ୍‌ଏନ୍‌ଏସ, ଆଦାନୀ ୱିଲମାର ଭଳି ପ୍ରମୁଖ କମ୍ପାନୀର ସୁରକ୍ଷା ବିଭାଗର ଟିମ୍ ସାମିଲ ହୋଇଥିଲେ। ଏହାକୁ କାରଖାନା ବାଷ୍ପିତ ବିଭାଗର ସହକାରୀ ନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ଦଳେଇ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିର୍ଦ୍ଦେଶକ ମନୋଜ କୁମାର ପଣ୍ଡା ନିରୀକ୍ଷଣ କରିଥିଲେ। କାରଖାନାରେ ଗଚ୍ଛିତ ଆମୋନିଆ ଗ୍ୟାସ ନିର୍ଗତବେଳେ କିପରି ତାକୁ ନିୟନ୍ତ୍ରଣ କରାଯିବା ସହ ଲୋକେ ଭୟଭୀତ ନ ହେବା ପାଇଁ ସଚେତନ କରାଯାଇଥିଲା। ଏଥିସହ ଲୋକଙ୍କୁ ଉଦ୍ଧାର ସମ୍ପର୍କିତ ବିଭିନ୍ନ କୌଶଳ ଏହି ମକଡ୍ରିଲରେ ପ୍ରଦର୍ଶନ କରାଯାଇଥିଲା। ପିପିଏଲ ସୁରକ୍ଷା ଅଧିକାରୀ ନୀହାରକାନ୍ତି ରାଉତ ଓ ବରିଷ୍ଠ ଅଧିକାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭିତରକନିକାର ଶୋଭା ଉପଭୋଗ କଲେ ୨୦୦୪ ପର୍ଯ୍ୟଟକ

ରାଜନଗର, ୧୮।୧୨ (ଡି.ଏନ.ଏ.)

ବିଶ୍ୱପ୍ରସିଦ୍ଧ ଭିତରକନିକାରେ ଏବେ ଚାଲିଛି ପିକ୍‌ନିକ୍ ଋତୁ। ପ୍ରକୃତିର ଗନ୍ତାଘର ଭିତରକନିକା ଜାତୀୟଉଦ୍ୟାନ ଏବେ ଦେଶ ବିଦେଶର ଆଗନ୍ତୁକ ପର୍ଯ୍ୟଟକଙ୍କ ପାଇଁ ପ୍ରମୁଖ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ନଭେମ୍ବର ପ୍ରଥମ ସପ୍ତାହରୁ ପର୍ଯ୍ୟଟକଙ୍କ ଭିତରକନିକା ଯାତ୍ରା ଆରମ୍ଭ ହୋଇଯାଇଛି। ଶୀତର ପ୍ରକୋପ ବଢିବା ସହିତ ଶତାଧିକ ପର୍ଯ୍ୟଟକ ଭିତରକନିକା ଜାତୀୟ ଉଦ୍ୟାନରେ ପାଦଥାପି ଏହାର ପ୍ରାକୃତିକ ଶୋଭାକୁ ଉପଭୋଗ କରିବା ସହ ପ୍ରବାହିତ ନଦୀ ନାଳରେ ନୌକା ବିହାର କରି ମଜା ଉଠାଉଛନ୍ତି। ନଦୀର ଉଭୟପାର୍ଶ୍ୱରେ ବିରଳ ବଉଳା କୁମ୍ଭୀରମାନଙ୍କ ଖରା ପୋଇଁବାର ଦୃଶ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି। ମହାନଦୀ, ବ୍ରାହ୍ମଣୀ, ବୈତରଣୀ ନଦୀର ତ୍ରିକୋଣଭୂମି ପର୍ଯ୍ୟଟକମାନଙ୍କ ଭୂସ୍ୱର୍ଗ ପାଲଟି ଯାଇଛି। ରବିବାର ଗୋଟିଏ ଦିନରେ ଭିତରକନିକାକୁ ୨୦୦୪ ପର୍ଯ୍ୟଟକ ପରିଭ୍ରମଣରେ ଆସିଛନ୍ତି। ୮୮ ବୋଟ୍‌ରେ ପର୍ଯ୍ୟଟକମାନେ ଭିତରକନିକାର ଶୋଭା ଉପଭୋଗ କରିଛନ୍ତି। ସ୍ଥଳପଥରେ ୮୦୮ ପର୍ଯ୍ୟଟକ ଭିତରକନିକା ପରିଭ୍ରମଣରେ ଆସିଥିଲେ। ଏମାନେ ଡାଙ୍ଗମାଳଠାରେ ଥିବା ଶବ୍ଦବିହୀନ ବୋଟ୍‌ରେ ଜଳପଥରେ ପ୍ରାକୃତିକ ଶୋଭା ଉପଭୋଗ କରିଛନ୍ତି। ଏଥିସହ ଖୋଳା ଏଣ୍ଟ୍ରି ପଏଣ୍ଟ, ଗୁପ୍ତି ଏଣ୍ଟ୍ରି ପଏଣ୍ଟ ଓ ଚାନ୍ଦବାଲି ଏଣ୍ଟ୍ରି ପଏଣ୍ଟ ଦେଇ ୮୮ଟି ବୋଟ୍‌ରେ ୧୧୯୬ ପର୍ଯ୍ୟଟକ ଭିତରକନିକାର ଶୋଭା ଉପଭୋଗ କରିଛନ୍ତି। ନୌକା ଭ୍ରମଣ ସମୟରେ ପର୍ଯ୍ୟଟକମାନେ ପ୍ରକୃତିକୁ ନିକଟରେ ଦେଖୁଛନ୍ତି। ଭିତରକନିକା ବୁଲି ଆସିଥିବା ପର୍ଯ୍ୟଟକମାନେ ଦେଶୀୟ ପକ୍ଷୀ ଭିଡ ଜମାଇଥିବା ଲକ୍ଷ୍ମୀପ୍ରସାଦଡିଆ, ମଠଆଡିଆରେ ସେମାନଙ୍କୁ ଦେଖି ବିମୋହିତ ହୋଇଥିଲେ। ଏଥିସହ ଡାଙ୍ଗମାଳ କୁମ୍ଭୀର ପ୍ରଜନନ କେନ୍ଦ୍ର, ମ୍ୟୁଜିୟମ, ବିଶ୍ୱରେ ଚର୍ଚ୍ଚିତ ଧଳା କୁମ୍ଭୀର ଗୋରୀ, ମଲ୍ଲୀ, ଶ୍ୱେତାକୁ ପର୍ଯ୍ୟଟକମାନେ ଦେଖି ମଜା ଉଠାଇ ଥିଲେ। ଡାଙ୍ଗମାଳଠାରେ ଥିବା ବୋଟ୍ ଲାଇବ୍ରେରୀ, ଶହୀଦ ସ୍ତମ୍ଭ ଓ ସେଲ୍‌ଫି ପଏଣ୍ଟ ନିକଟରେ ପର୍ଯ୍ୟଟକମାନେ ସେଲ୍‌ଫି ନେଉଥିବା ଦେଖିବାକୁ ମିଳିଥିଲା।


ପର୍ଯ୍ୟଟକମାନେ ନୌକାରେ ଭ୍ରମଣ କରିବାକୁ ଯାଉଛନ୍ତି।

## ହାଇକୋର୍ଟ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା: ଡେରାବିଶର ଶିବାଶିଷ ପ୍ରଥମ




ଡେରାବିଶ ୧୮।୧୨(ସ୍ୱ.ପ୍ର.)

ଓଡ଼ିଶା ହାଇକୋର୍ଟ ପକ୍ଷରୁ ରବିବାର ବର୍ଷକ କ୍ୟାଲେଣ୍ଡରରେ ସ୍ଥାନୀତ ପାଇଁ କର୍ତ୍ତୃପକ୍ଷଙ୍କ ଦ୍ୱାରା କରାଯାଇଥିବା ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ଡେରାବିଶ ବ୍ଲକ ଚାଟରାଚକଡା ପଞ୍ଚାୟତ ଅନ୍ତର୍ଗତ ଗୋପାଳଜୀଉପାଟଣା ଗାଁର ଶିବାଶିଷ ଦାସ ପ୍ରଥମ ସ୍ଥାନ ପାଇଛନ୍ତି। ଗାଁର ପ୍ରଭାତଙ୍କ ପୁଅ ଶିବାଶିଷ ତମାଣ୍ଡୋସ୍ଥିତ ଆଦର୍ଶ ବିଦ୍ୟାଳୟର ୯ମ ଶ୍ରେଣୀର ଛାତ୍ର ଅଟନ୍ତି। ଶିବାଶିଷଙ୍କ ଏହି ସଫଳତା ପାଇଁ ରବିବାର ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍ ମୁରଲୀଧରଙ୍କଠାରୁ ପୁରସ୍କୃତ ହୋଇଛନ୍ତି। ଏହି ଉପଲକ୍ଷେ ହାଇକୋର୍ଟ ପରିସରରେ ଥିବା ଓଡ଼ଶା ଜୁଡିସିଆଲ ଏକାଡେମୀ କନଫରେନ୍ସ ହଲରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଖବର ଜଣାପଡିବା ପରେ ଶିବାଶିଷଙ୍କ ବିଦ୍ୟାଳୟ ସମେତ ବ୍ଲକ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ସୂଚନାଯୋଗ୍ୟ, ଗତ ୧୨ ତାରିଖରେ ରାଜ୍ୟର ସମସ୍ତ ଜିଲାରେ 'ନେଚର ଆଣ୍ଡ ୱାଇଲ୍ଡ ଲାଇଫ' ଶୀର୍ଷକ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ ହୋଇଥିବା ମନୋନୟନ ପ୍ରକ୍ରିୟାରେ ବିଚାରକମାନେ ଶିବାଶିଷଙ୍କ ଚିତ୍ରାଙ୍କନକୁ ଶ୍ରେଷ୍ଠ ଭାବେ ଘୋଷଣା କରିଥିଲେ। ଏହି ଖବର ଜାଣିବା ପରେ ଗାଁରେ ଖୁସିର ଲହରୀ ଖେଳିଯାଇଛି।

# ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୋଲିସର ଉଦାସୀନତା ଅଭିଯୋଗ

ତିର୍ତ୍ତୋଲ, ୧୮।୧୨ (ଡି.ଏନ୍.ଏ.)

## ପୂର୍ବତନ ସରପଞ୍ଚଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଘଟଣା



ତିର୍ତ୍ତୋଲ ବ୍ଲକ ମୁଳିସିଂହ ପଞ୍ଚାୟତର ପୂର୍ବତନ ସରପଞ୍ଚ ଶରତଚନ୍ଦ୍ର ମହାନ୍ତିଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଘଟଣାରେ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ପୋଲିସ ଉଦାସୀନତା ମନୋଭାବ ପୋଷଣ କରୁଥିବା ନେଇ ରବିବାର ଅଭିଯୋଗ ହୋଇଛି। ଏନେଇ ପଞ୍ଚାୟତ ଅନ୍ତର୍ଗତ ହରସିଂହ ଗ୍ରାମରେ କେତେଜଣ ଗ୍ରାମବାସୀ ଏକତ୍ରିତ ହୋଇ ଖବରଦାତା ସମ୍ମିଳନୀ ଆୟୋଜନ କରିଥିଲେ। ଏଥିରେ ସେମାନେ ଅଭିଯୋଗ କରିଥିଲେ ଯେ, ପଞ୍ଚାୟତର ପୂର୍ବତନ ସରପଞ୍ଚ ଶରତ ଚନ୍ଦ୍ର ମହାନ୍ତିଙ୍କ ଆବକ୍ଷ ପ୍ରତିମୂର୍ତ୍ତିକୁ ପଞ୍ଚାୟତର ମୁରବୀମାନଙ୍କ ନିଷ୍ପତ୍ତି ଅନୁସାରେ ସଅାଁରା ହାଟରେ ସେପ୍ଟେମ୍ବରରେ ସ୍ଥାପନ କରାଯାଇଥିଲା। ମାତ୍ର ବିଳମ୍ବିତ ରାତିରେ କୌଣସି ଦୁର୍ବୃତ୍ତ ଉକ୍ତ ପ୍ରତିମୂର୍ତ୍ତିକୁ ଭାଙ୍ଗି ନେଇଯାଇଥିଲେ। ଏନେଇ ପରିବାର ସଦସ୍ୟ ଓ ପଞ୍ଚାୟତର ବହୁ ଲୋକେ ଥାନାରେ ଅଭିଯୋଗ କରିଥିଲେ। ମାତ୍ର ପୋଲିସ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନ ନେବାରୁ ପଞ୍ଚାୟତ ପକ୍ଷରୁ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ଏହାକୁ ଭିତ୍ତି କରି ଏସ୍‌ପି ତଦନ୍ତ ପାଇଁ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ସମ୍ପୃକ୍ତ ଅଧିକାରୀ ନାମକୁ ମାତ୍ର ଜଣେକ ବ୍ୟକ୍ତିଙ୍କୁ ଥାନାକୁ ଡାକି ପଚରାଉଚରା କରି ଛାଡିଦେଇଥିଲେ। ଚାପର ବଶବର୍ତ୍ତୀ ହୋଇ ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ନେଇ ସମ୍ମିଳନୀରେ ଅଭିଯୋଗ ହୋଇଥିଲା। ଏହାଛଡ଼ା ପଞ୍ଚାୟତର ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଅଭିଯୋଗ କରାଯାଇଥିଲା। ଖବରଦାତା ସମ୍ମିଳନୀରେ ମହମ୍ମଦ ସାଫି ଆଜମ, ରମେଶ ଚନ୍ଦ୍ର ଦଳାଇ, ଦୀଲିପ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## 'ଶାରୀରିକ, ବୌଦ୍ଧିକ, ନୈତିକ ଶିକ୍ଷା ଦେଇଥାଏ ଶିଶୁ ବିଦ୍ୟାମନ୍ଦିର'

ବିରିଡି/ବାଲିଆ, ୧୮।୧୨ (ଡି.ଏନ୍.ଏ./ସ୍ୱ.ପ୍ର.)

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ରୀଛାତ୍ରମାନେ ଉତ୍ତମ ଶିକ୍ଷା ପାଉଛନ୍ତି। ଏହି ଅନୁଷ୍ଠାନ ଗୁଣବତ୍ତା ଶିକ୍ଷା ସହ ଶାରୀରିକ, ବୌଦ୍ଧିକ ଓ ନୈତିକ ଶିକ୍ଷା ଦେଇଥାଏ । ଏଥିପାଇଁ ପିଲାମାନଙ୍କର ଆଚରଣ ଉଚାରଣ ଶୁଦ୍ଧି ହୋଇଥାଏ ବୋଲି ଶନିବାର ବିରିଡି ବ୍ଲକ ବଡିମିରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୪ତମ ବାର୍ଷିକ ଉତ୍ସବରେ ଯୋଗଦେଇ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ଡା.ଉଷା ବୋଷଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ସରକାରୀ ମୁଖ୍ୟ ସଚେତକ ତଥା ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ମୁଖ୍ୟବକ୍ତା ଭାବେ



ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଆଦର୍ଶ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଜଗତ୍‌ସିଂହପୁର ଜିଲା ଶୈକ୍ଷିକ ପ୍ରମୁଖ ପ୍ରଦୀପ୍ତ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସ, ବିରିଡି ବ୍ଲକ ପୂର୍ବତନ ଅଧ୍ୟକ୍ଷ ରବି ନାରାୟଣ ଜେନା, ଜିଲା ପରିଷଦ ସଭ୍ୟା ଦୀପ୍ତିମୟୀ ରାୟ, ଉପାଧ୍ୟକ୍ଷା ପିନାକୀ ପ୍ରିୟଦର୍ଶିନୀ, ସରପଞ୍ଚ ସ୍ନେହପ୍ରଭା ପରିଡା, ସମିତି ସଭ୍ୟା କଳ୍ପନା ପଶାୟତ ପ୍ରମୁଖ ଯୋଗଦେଇ ଥିଲେ । ପ୍ରଧାନ ଆଚାର୍ଯ୍ୟା ସୁବାସିନୀ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିବା ସହ ସମ୍ପାଦକ ବିକ୍ରମ ଦାଶ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଆଦର୍ଶ ଶିକ୍ଷକ ବ୍ରଜ କିଶୋର ନାୟକଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯିବା ସହ କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

# ଏଲ୍‌ଆର୍‌ପି ପରୀକ୍ଷା ସମୟରେ ୟୁଡିଆଇଏସ୍‌ଇ କର୍ମଶାଳା

ନାଉଗାଁ,୧୮।୧୨(ସ୍ୱ.ପ୍ର)

## ବ୍ଲକ ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକୁ ନେଇ ପ୍ରଶ୍ନବାଚୀ

ନାଉଗାଁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ବିଚିତ୍ର ନିୟମ ଦେଖିବାକୁ ମିଳିଛି। ଓଡିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ନିର୍ଦ୍ଦେଶରେ ଏଲ୍‌ଆର୍‌ପି ପରୀକ୍ଷା କରାଯିବା ପାଇଁ ତାରିଖ ଧାର୍ଯ୍ୟ ହୋଇଛି। ମାତ୍ର ଏହି ସମୟରେ ୟୁନିଫାଏଡ୍ ଜିଲା ସୂଚନା ବ୍ୟବସ୍ଥା (ୟୁଡିଆଇଏସଇ) କର୍ମଶାଳାରେ ଯୋଗଦେବାକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନଙ୍କୁ ବ୍ଲକ ଶିକ୍ଷାଧିକାରୀଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ପ୍ରାପ୍ତସୂଚନା ଅନୁଯାୟୀ, କରୋନା ମହାମାରୀ ସମୟରେ ବିଗତ ଦୁଇ ବର୍ଷର ଶିକ୍ଷା ବ୍ୟବସ୍ଥାରେ ହୋଇଥିବା କ୍ଷତି ପରିପୂରଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଶିକ୍ଷଣ ପରିପୂରଣ କାର୍ଯ୍ୟକ୍ରମ (ଏଲ୍‌ଆରପି) କରାଯାଉଛି। ଏହି କାର୍ଯ୍ୟକ୍ରମରେ ତୃତୀୟ ଶ୍ରେଣୀରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନଙ୍କୁ ସ୍ୱତନ୍ତ୍ର ଭାବେ ପାଠ ପଢାଯାଇ ପରୀକ୍ଷା କରାଯିବା ପାଇଁ ବ୍ୟବସ୍ଥା କରାଯାଇଛି। ଏନେଇ ଶ୍ରେଣୀଗୁଡିକରେ ଏଲ୍‌ଆରପି ପରୀକ୍ଷା କରାଯିବା ପାଇଁ ଓଡିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣର କାର୍ଯ୍ୟାଳୟର ପତ୍ରସଂଖ୍ୟା-୧୫୯୯୫/୧୪।୧୨।୨୦୨୨ ଅନୁଯାୟୀ, ଜିଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ ପରୀକ୍ଷା ଡିସେମ୍ବର ୧୯ରୁ ୨୧ ପର୍ଯ୍ୟନ୍ତ କରାଯିବା ପାଇଁ ପତ୍ରରେ ଦର୍ଶାଯାଇଛି। ମାତ୍ର ନାଉଗାଁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା-୨୧୨୯/୧୭।୧୨।୨୨ ଅନୁଯାୟୀ, ନାଉଗାଁ ହାଟ ଉଚ୍ଚ ବିଦ୍ୟାଳୟରେ ଆସନ୍ତା ୨୧ତାରିଖରେ ୟୁନିଫାଏଡ୍ ଜିଲା ସୂଚନା ବ୍ୟବସ୍ଥା(ୟୁଡିଆଇଏସଇ) ପାଇଁ ଦିନିକିଆ କର୍ମଶାଳା ଅନୁଷ୍ଠିତ ହେବ। ଏଥିରେ ଯୋଗଦେବାକୁ ବିଦ୍ୟାଳୟଗୁଡ଼ିକର ପ୍ରଧାନ ଶିକ୍ଷକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଠାରେ ପ୍ରଶ୍ନ ଉଠୁଛି ଯଦି କୌଣସି ବିଦ୍ୟାଳୟରେ ପ୍ରଧାନ ଶିକ୍ଷକଙ୍କୁ ମିଶାଇ ଦୁଇ ଜଣ ଶିକ୍ଷକ ଅବା ଆବଶ୍ୟକତାଠାରୁ କମ୍ ଶିକ୍ଷକ ରହିଥିବେ ସେଠାରେ ଏଲ୍‌ଆରପି ପରୀକ୍ଷା କିପରି ଚାଲିବ। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ମନୋରମା ରାଉତଙ୍କୁ ପଚାରିବାରେ କହିଛନ୍ତି, ସେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପାଇଁ ବାହାରେ ଅଛନ୍ତି। ଏ ସମ୍ପର୍କରେ ବୁଝିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

# ଜୀବନର ବେଦନାବୋଧକୁ ବ୍ୟକ୍ତ କରେ ସାହିତ୍ୟ

କୁଜଙ୍ଗ,୧୮।୧୨(ଡି.ଏନ୍.ଏ.)

ବିଶ୍ୱକୁ ଏକତା ସୂତ୍ରରେ ବାନ୍ଧି ରଖିବାକୁ ସାହିତ୍ୟ ସବୁ ଯୁଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ ବୋଲି 'ମେଘ ମହ୍ଲାର' ପକ୍ଷରୁ ଆୟୋଜିତ ସାରସ୍ୱତ ଶିଶିର ଆସରରେ ମତ ପ୍ରକାଶ ପାଇଛି। କୁଜଙ୍ଗସ୍ଥିତ କରତୁଠାରେ ସ୍ଥାପିତ ଶ୍ରୀଅରବିନ୍ଦ ପୂର୍ଣ୍ଣ ଶିକ୍ଷାକେନ୍ଦ୍ର ପରିସରରେ ସାହିତ୍ୟ, ସଂସ୍କୃତି, ସାମାଜିକ ସେବା ସଙ୍ଗଠନ, ମେଘ ମହ୍ଲାର ସଭାପତି କେଶବ ଚନ୍ଦ୍ର ଦଳାଇଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥିଭାବେ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ପୀତାମ୍ବର ତରାଇ ଯୋଗଦେଇ ଜୀବନର ବେଦନାବୋଧକୁ ବ୍ୟକ୍ତ କରିବାରେ ବଡ଼ ମାଧ୍ୟମ ହେଉଛି ସାହିତ୍ୟ ବୋଲି କହିଥିଲେ। ସାହିତ୍ୟ ଓ ସତ୍ୟକୁ ଧାରଣ କରି ମାନବ ସମାଜର ମଙ୍ଗଳ କାମନା କରିଥାଏ ବୋଲି ସେ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ପ୍ରଫୁଲ୍ଲ ମହାପାତ୍ର ଯୋଗଦେଇ ଥିଲେ। ଶିକ୍ଷାବିତ୍ ବାବୁରାମ ଚୌଧୁରୀ, ପାରାଦୀପ ବନ୍ଦରର ଅବସରପ୍ରାପ୍ତ ଅତିରିକ୍ତ ଲୋକସମ୍ପର୍କ ଅଧିକାରୀ ପ୍ରକାଶ ଚନ୍ଦ୍ର ଦାଶ, କବି ନବୀନ କୁମାର ପ୍ରଧାନ, ସାମାଜିକ କର୍ମୀ ବିଜୟ କୁମାର ଖଟାଇ ପ୍ରମୁଖ ଯୋଗଦେଇ ସାହିତ୍ୟ ବିନା ସୁନ୍ଦର ସମାଜର ପରିକଳ୍ପନା ହୋଇପାରିବ ନାହିଁ ବୋଲି କହିଥିଲେ। ଦୀପ୍ତିରଞ୍ଜନ ଖଣ୍ଡୁଆଳ ଓ ଅଞ୍ଜନା ନାୟକଙ୍କ ସଂଯୋଜନାରେ 'ଶୀତ' ଶୀର୍ଷକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କବୟିତ୍ରୀ ମାନସୀ ପ୍ରଭା ସ୍ୱାଇଁ, ଗୀତା ଦାସ, ରୁନିବାଳା ମଲ୍ଲିକ୍, ଜୟନ୍ତୀ ଦାସ, ପ୍ରଭାତୀ ମାଝୀ, ସର୍ବେଶ୍ୱର ସେଠୀ, ମଞ୍ଜୁଶ୍ରୀ ପ୍ରଧାନ, ରୋଜାଲିନ୍ ସାହୁ ଓ ଶଙ୍କର ଦାସ ପ୍ରମୁଖ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ସସ୍ମିତା ନାୟକ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସମ୍ପାଦିକା ପ୍ରଭାତୀ ମାଝୀ ଧନ୍ୟବାଦ ଦେଇଥିଲେ।



ସାରସ୍ୱତ ଶିଶିର ଆସରରେ ଯୋଗଦେଇଥିବା ଅତିଥିମାନେ।

## ସଂକ୍ଷେପରେ

### ମହିଳା ଗୋଷ୍ଠୀଙ୍କୁ ମକାମଞ୍ଜି ଛଡ଼ା ଯନ୍ତ୍ରପାତି ବଣ୍ଟନ

ଆର.ଉଦୟଗିରି, ୧୮।୧୨(ଡି.ଏନ.ଏ.)- ଆର.ଉଦୟଗିରି ବ୍ଲକ ଛେଲିଗଡ଼ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବ୍ଲକର ବିଭିନ୍ନ ସ୍ଥାନରୁ ଆସିଥିବା ୧୫ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ବିଦ୍ୟୁତ୍‌ଚାଳିତ ମକା ମଞ୍ଜି ଛଡ଼ା ଯନ୍ତ୍ର ପାରଳାଖେମୁଣ୍ଡି ସହାୟତାରେ ମିଶନ ଜୀବିକା କାର୍ଯ୍ୟକ୍ରମ ଜରିଆରେ ମାଗଣାରେ ବଣ୍ଟନ କରାଯାଇଛି। ଗଜପତି ଜିଲାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଆର.ଉଦୟଗିରି ବ୍ଲକର ଚାଷୀମାନେ ଅର୍ଥକରୀ ଫସଲ ଭାବେ ମୁଖ୍ୟତଃ ମକା ଚାଷ କରିଆସୁଛନ୍ତି। ଏହି ଯନ୍ତ୍ର ବ୍ୟବହାର କରି ନିଜେ ସ୍ୱାବଲମ୍ବୀ ହୋଇପାରିବେ ବୋଲି କହିଛନ୍ତି ବିଭାଗୀୟ ପ୍ରକଳ୍ପ ନିର୍ଦ୍ଦେଶକ ଫାଲଗୁନି ମାଝି। ଛେଲିଗଡ ପଞ୍ଚାୟତ ସରପଞ୍ଚ ସନ୍ତୋଷୀ ପାଇକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ଏମ୍‌ପି ପ୍ରତିନିଧି ଜଗବନ୍ଧୁ ଦାଶ, ଜିଲା ପରିଷଦ ସଭ୍ୟା ଯମୁନା ଦଳବେହେରା ପ୍ରମୁଖଙ୍କ ସମେତ ପିଏ ଆଇଟିଡିଏ ମିଶନ ଜୀବିକା ପ୍ରକଳ୍ପ ପରିଚାଳନା ଅଧିକାରୀ ଗୌତମ ସ୍ୱାଇଁ ଏବଂ ଓଡ଼ିଶା ଜୀବିକା ମିଶନର ବ୍ଲକ ପ୍ରକଳ୍ପ ପରିଚାଳକ ରଜନୀକାନ୍ତ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

### ଔଷଧ ବିତରଣ ଶିବିର

**କାଶୀନଗର,୧୮।୧୨:** ଶ୍ରୀକାକୁଲମ କିମ୍ସ ହସ୍ପିଟାଲ ପକ୍ଷରୁ ଏକ ମାଗଣା ଚିକିତ୍ସା ଓ ଔଷଧ ବିତରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବାରଣାସୀ ହାଇସ୍କୁଲ ପରିସରରେ ଅନୁଷ୍ଠିତ ଏହି ଶିବିରରେ କାର୍ଡିଓଲୋଜିଷ୍ଟ ଡା. ଡି ପି କଲ୍ୟାଣ ଚକ୍ରବର୍ତୀ, ଇଉରୋଲୋଜିଷ୍ଟ ଡା.ବି. ରାବଣା ପେଡିଆଷ୍ଟ୍ରିକ୍ସ ଡ. ରାମଲେଙ୍ଗେଶ୍ୱର ରାଓ, ଜେନେରାଲ ମେଡିସିନ ବିଭାଗର ଡା.କେଦାରନାଥ ଓ ଡା.ଚାରିଣୀ ଯୋଗଦେଇ ଆସିଥିବା ରୋଗୀମାନଙ୍କୁ ଚିକିତ୍ସା କରିବା ସହ ସେମାନଙ୍କୁ ନିଦାନ ପତ୍ର ଦେଇଥିଲେ। ନିଦାନ ପତ୍ର ଅନୁଯାୟୀ ମାଗଣାରେ ଔଷଧ ଦିଆଯାଇଥିଲା। କାଶୀନଗର ଏନଏସି ଉପାଧ୍ୟକ୍ଷା ରଘୁରାମ ସାହୁ, କାଶୀନଗର ବ୍ଲକ ବିଜେଡି ସଭାପତି ଆର. ରାମ ପ୍ରସାଦ କବିରାଜ, ନଳିନୀକାନ୍ତ ପାତ୍ର ଓ ହୃଷିକେଶ ଗୌଡ଼ ଉଲ୍ଲେଖିତ ବିଭାଗ ଗୁଡ଼ିକ ପାଇଁ ଉଦ୍ଦିଷ୍ଟ ଚିକିତ୍ସା ସ୍ଥଳ ଉଦ୍‌ଘାଟନ କରିଥିଲେ।

### ମଶା ଉପଦ୍ରବ ରୋକିବାକୁ ଦାବି

**କାଶୀନଗର,୧୮।୧୨:** ଗଜପତି ଜିଲାର ଏକମାତ୍ର ଏନଏସି କାଶୀନଗରରେ ମଶା ଉପଦ୍ରବ ଦିନକୁ ଦିନ ବଢ଼ିବାରେ ଲାଗିଛି। ଘର ବାହାରେ ସବୁଆଡେ ମଶା। ରାତିରେ ଶାନ୍ତିରେ ଶୋଇବା ତ ଦୂରର କଥା ଦିନରେ ଘରେ ଓ କାର୍ଯ୍ୟାଳୟରେ କାମ କରିହେଉନି। ମଶା ଘଉଡ଼ାଇବା ପାଇଁ ଥିବା କଇଲ ଲିକ୍ୟୁଡ୍ ସେ ସବୁ ଫେଲ ମାରୁଛି। ଏନ୍‌ଏସିରେ ମଶା ପ୍ରତିରୋଧ ମେଶିନ ଥିଲେ ବି ତାହା ବ୍ୟବହାର କରାଯାଉନଥିବା ଅଭିଯୋଗ ହେଉଛି। ମ୍ୟାଲେରିଆ, ଡେଙ୍ଗୁ ବ୍ୟାପିବାରେ ଆଶଙ୍କାରେ କାଶୀନଗରବାସୀ ବର୍ତ୍ତମାନ ଭୟରେ। ଏ ସମ୍ପର୍କରେ ଏନ୍‌ଏସି ଅଧ୍ୟକ୍ଷା ଏମ୍ ସୁଧାରାଣୀଙ୍କ ସହ ଯୋଗାଯୋଗ ବେଳେ ସେ କହିଛନ୍ତି ଯେ ଧୂଆଁ ଛଡ଼ା ମେଶିନ ମରାମତି ଆବଶ୍ୟକ। ଆଗାମୀ ଚାରି ଦିନ ଭିତରେ ଉକ୍ତ ମେଶିନକୁ ମରାମତି କରି ମଶା ଘଉଡ଼ାଇବା ପାଇଁ ପଦକ୍ଷେପ ନିଆଯିବ। ତେବେ ଡ୍ରୋନ୍ ସାହାଯ୍ୟରେ ଏହି କାର୍ଯ୍ୟ କଲେ ଅଧିକ ଫଳପ୍ରଦ ହୋଇପାରିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି।

# ଭଞ୍ଜନଗରରୁ ନିଖୋଜ, ଦାରିଙ୍ଗବାଡ଼ି ଘାଟିରୁ ମୃତଦେହ ଠାବ

**ଭଞ୍ଜନଗର/ସୋରଡ଼ା, ୧୮।୧୨(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଭଞ୍ଜନଗର ସହର କେନାଲ ସାହିର ନିଖୋଜ ବ୍ୟବସାୟୀ ହିତେନ ସ୍ୱାଇଁ (୩୫)ଙ୍କ ମୃତଦେହ ୫ ଦିନ ପରେ ରବିବାର ସୋରଡ଼ା ଥାନା ଅନ୍ତର୍ଗତ ଦାରିଙ୍ଗବାଡ଼ି ଘାଟିରୁ ଠାବ ହୋଇଛି। ପୋଲିସ ହିତେନଙ୍କ ଗଳିତ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ପଠାଇଛି। ଚିଟ୍‌ଫଣ୍ଡ ଅର୍ଥ କାରବାରକୁ ନେଇ ହିତେନଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଏହି ଘଟଣାରେ ପୋଲିସ ୪ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

ଧରାକୋଟ ବ୍ଲକ ଅନ୍ତର୍ଗତ ରୁଗୁମୁର ହିତେନ ଭଞ୍ଜନଗର କେନାଲ ସାହିରେ ତାଙ୍କ ଭିଣୋଇ ପ୍ରଦୀପ ସ୍ୱାଇଁଙ୍କ ଘରେ ରହୁଥିଲେ। ସେ ବିଭିନ୍ନ ଇଲୋକ୍ଟ୍ରୋନିକ୍ସ କମ୍ପାନୀର ଡିଲରଶିପ ନେଇ ଭଞ୍ଜନଗର ଷ୍ଟେଟବ୍ୟାଙ୍କ ଛକରେ ବ୍ୟବସାୟ କରୁଥିଲେ। ତାଙ୍କର ଜଣେ ଭାଇ ଚିଟ୍‌ଫଣ୍ଡ ସଂସ୍ଥା 'କିନେ'ରେ କାମ କରୁଥିଲେ। କିଛିମାସ ପୂର୍ବେ କିନେ ସଂସ୍ଥା ବନ୍ଦ ହୋଇଯାଇଥିବାରୁ ଭଞ୍ଜନଗର ଅଞ୍ଚଳର ଅନେକ ଲୋକ ଟଙ୍କା ଫେରି ପାଇ ନଥିଲେ। ଗତ ମଙ୍ଗଳବାର ରାତି ପ୍ରାୟ ୮ଟାରେ କେହି ଜଣେ ହିତେନଙ୍କୁ ଘରୁ ଡାକି ନେଇଥିଲେ। ସେବେଠୁ ସେ ଆଉ ଘରକୁ ଫେରି ନ ଥିଲେ। ତାଙ୍କ ମୋବାଇଲ ଫୋନ ସୁଇଚ୍ ଅଫ ଥିବାରୁ ପରିବାର ଲୋକଙ୍କ ସନ୍ଦେହ ବଢ଼ିଥିଲା। ବୁଧବାର ହିତେନଙ୍କ ସ୍ତ୍ରୀ ମିନତୀ ବିଷୋୟୀ ଏ ନେଇ ଭଞ୍ଜନଗର ଥାନାରେ ଅଭିଯୋଗ କରିଥିଲେ। ପୋଲିସ କେତେଜଣ ଯୁବକଙ୍କୁ ସନ୍ଦେହରେ ନେଇ ପଚରାଉଚରା କରିଥିଲା । ଏହାପରେ ହିତେନଙ୍କୁ ଦାରିଙ୍ଗବାଡ଼ି ଘାଟିରେ ହତ୍ୟା କରି ଫୋପାଡ଼ି ଦିଆଯାଇଥିବା ସମ୍ପର୍କରେ ସୂଚନା ମିଳିଥିଲା। ଅଭିଯୁକ୍ତମାନେ ହିତେନଙ୍କୁ ରାତିରେ ବାଉଁଶଲୁଣ୍ଡିସ୍ଥିତ ଏକ ଧୂପକାଠି ଫାକ୍ଟ୍ରିକୁ ଡାକି ନେଇଥିଲେ। ସେଠାରେ ହତ୍ୟା କରିବା ପରେ ପ୍ରମାଣ ନଷ୍ଟ କରିବା ପାଇଁ ମୃତଦେହକୁ କାର୍‌ରେ ଦାରିଙ୍ଗବାଡ଼ି ଘାଟିକୁ ନେଇ ଫୋପାଡ଼ି ଦେଇଥିଲେ। ହିତେନଙ୍କୁ କେଉଁ କାରଣରୁ ହତ୍ୟା କରାଯାଇଛି, ପରିବାର ଲୋକେ ତାହା ଜାଣିନାହାନ୍ତି। ଏ ନେଇ ଭଞ୍ଜନଗର ଥାନାରେ ନଂ. ୭୦୦/୨୨ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ଘଟଣାର ତଦନ୍ତ ଚାଲିଥିବା ଭଞ୍ଜନଗର ଏସ୍‌ଡିପିଓ ଶୁଭ୍ରାଂଶୁ ମିଶ୍ର ସୂଚନା ଦେଇଛନ୍ତି ।

**ଚିଟ୍‌ଫଣ୍ଡ ଅର୍ଥ କାରବାରକୁ ନେଇ ବ୍ୟବସାୟୀଙ୍କୁ ହତ୍ୟା ସନ୍ଦେହ, ୪ ଅଟକ**



ପୋଲିସ ଘଟଣାସ୍ଥଳରେ ତଦନ୍ତ ଚଳାଇଛି ।

## କ୍ରୀଡ଼ା ପ୍ରତିଯୋଗିତା

**ରାଇକିଆ,୧୮।୧୨(ଡି.ଏନ୍.ଏ.)**

ବିଜୟ ହାଇସ୍କୁଲଠାରେ ଶନିବାର ବ୍ଲକସ୍ତରୀୟ ବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ୨୦ଟି ବିଦ୍ୟାଳୟର ୩୩୬ ଛାତ୍ରୀଛାତ୍ର ଭାଗ ନେଇଥିଲେ। ୪୫ଜଣଙ୍କୁ ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ କରାଯାଇଥିଲା । ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ପ୍ରୀତମ ପ୍ରଧାନ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ସ୍ତରରେ ହକି ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏବିଇଓ ସୀମାଦ୍ରି କହଁର ଏବଂ ସାରଥୀ କହଁରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜୀବନ ଜ୍ୟୋତି ମହାବିଦ୍ୟାଳୟ କ୍ରୀଡା ଶିକ୍ଷକ ଆନ୍ଦ୍ରୀଓ ନାୟକ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ବ୍ଲକସ୍ତରୀୟ କ୍ରୀଡ଼ା ସଂଘ ସମ୍ପାଦକ କାର୍ତ୍ତିକ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜିଲାସ୍ତରୀୟ ଶିଶୁ ଉତ୍ସବ ଉଦ୍‌ଯାପିତ



ବିଡିଓ ଶଶି ଭୂଷଣ ମହାପାତ୍ର ଉଦ୍‌ବୋଧନ ଦେଉଛନ୍ତି ।

**ଭଞ୍ଜନଗର,୧୮।୧୨(ଡି.ଏନ.ଏ)**

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଗଞ୍ଜାମ ଜିଲା ଶାଖା ପକ୍ଷରୁ ଦୁଇଦିନ ଧରି ସ୍ଥାନୀୟ ଦୀନବନ୍ଧୁ ବେହେରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଶିଶୁ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଛି। ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ଦିଲୀପ କୁମାର ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଶନିବାର ଉଦ୍‌ଘାଟନ କରିଥିଲେ। ବିଡିଓ ଶଶିଭୂଷଣ ମହାପାତ୍ର ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷାର ବିକାଶ ପାଇଁ ୫-ଟି ମାଧ୍ୟମରେ ରାଜ୍ୟ ସରକାର ନେଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ସଫଳତାର ପାହାଚ ଚଢ଼ିବାକୁ ହେଲେ ବିଭିନ୍ନ ସମୟରେ ବିଫଳତାର ସମ୍ମୁଖୀନ ହେବାକୁ ପଡେ, ତେଣୁ ବିଫଳତାକୁ ଭୁଲି ପୁଣି ଚେଷ୍ଟା କଲେ ନିଶ୍ଚୟ ସଫଳତା ମିଳିବ ବୋଲି କହିଥିଲେ। ରାଜ୍ୟ ସଂଘ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି, ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ମୁଖ୍ୟ ଉପଦେଷ୍ଟା ଜଗବନ୍ଧୁ ଜେନା, ରାଜ୍ୟ କୋଷାଧ୍ୟକ୍ଷ ଅଶୋକ ମହାପାତ୍ର, ସମ୍ପାଦକ, ଶିକ୍ଷା ପ୍ରଦୀପ ଶଙ୍କର ସୁବୁଦ୍ଧି, ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ନିର୍ଦ୍ଦେଶକ ଶଙ୍କର୍ଷଣ ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶୁଳପାଣି ଶତପଥି ସଭା ସଂଯୋଜନା କରିଥିଲେ ।

## ଖେଳକୁଦ ପ୍ରତିଯୋଗିତା ଉଦ୍‌ଯାପିତ

**ଫୁଲବାଣୀ ଅଫିସ, ୧୮।୧୨**

କ.ନୂଆଗାଁ ବ୍ଲକ ପେଣ୍ଡିପଡର ଗ୍ରାମରେ ନେହେରୁ ଯୁବକେନ୍ଦ୍ର ଏବଂ ମା' ସିପାସରୁ ଯୁବକ ସଂଘ ମିଳିତ ଆନୁକୂଲ୍ୟରେ ଚାଲିଥିବା ଗ୍ରାମାଞ୍ଚଳସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ବିଶିପଡ଼ା ସରପଞ୍ଚ ବାମନା କହଁର, ସମ୍ମାନିତ ଅତିଥି ଭାବେ ଏମ୍‌ପିଙ୍କ ପ୍ରତିନିଧି ଜଳନ୍ଧର ବେହେରା, ଶୈଳେନ୍ଦ୍ର ପାଢ଼ୀ, କେଲପଡା ସରପଞ୍ଚ ସ୍ୱର୍ଣ୍ଣଲତା ପ୍ରଧାନ, ପ୍ରଧାନଶିକ୍ଷକ ଜିତେନ୍ଦ୍ର କୁମାର ଡିଗାଲ, ସୁରକ୍ଷା କର୍ମୀ ସେନା ବାହିନୀର ରଜନୀକାନ୍ତ ପ୍ରଧାନ, ତ୍ରିନାଥ ବେଶୀ କହଁର, ଆଦିବାସୀ ନେତା ବିଶିକେଶନ ପ୍ରଧାନ, ବିଜୟ ମଲ୍ଲିକ, ଶିକ୍ଷକ ମଞ୍ଜୁବାଳା ସାହାଣୀ ପ୍ରମୁଖ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ଫୁଟବଲ୍, ଭଲିବଲ, କବାଡି, ଆଦି ଖେଳ ହୋଇଥିଲା। ଫୁଟବଲ ଫାଇନାଲ ମ୍ୟାଚ କାଇଲମ୍ବା ଓ ସାରଙ୍ଗଡ଼ ଟିମ୍ ମଧ୍ୟରେ ହୋଇଥିଲା। ଏଥିରେ କାଇଲମ୍ବା ୧-୦ ଗୋଲରେ ସାରଙ୍ଗଡ଼କୁ ପରାସ୍ତ କରି ଚମ୍ପିୟନ ହୋଇଥିଲା । ବିଜୟୀ ଟିମ୍ ଏବଂ ପ୍ରତିଯୋଗୀମାନଙ୍କୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରାଯାଇଥିଲା ।

# ବ୍ଲକସ୍ତରୀୟ ଶିଶୁ ମେଳା ଅନୁଷ୍ଠିତ




ବ୍ଲକସ୍ତରୀୟ ଶିଶୁମେଳାରେ ଯୋଗଦେଇଥିବା ଅତିଥିମାନେ।

**ଭାପୁର, ୧୮।୧୨ (ଡି.ଏନ.ଏ.)**

ଭାପୁର ବ୍ଲକ ଅଧୀନ ବାଇଗୁଣିଆ ତନ୍ତୁବାୟ ସହଯୋଗ ସମବାୟ ସମିତି ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଶିଶୁମେଳା ଅନୁଷ୍ଠିତ ହୋଇଯାଇଛି। ଭାପୁର ବ୍ଲକ ଓଷ୍ଟା ସଭାପତି ପ୍ରଫୁଲ୍ଲ କୁମାର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ଦାସ, ସମ୍ମାନିତ ଅତିଥି ଭାବେ ମନୋଜ କୁମାର ଶତପଥୀ, ସ୍ଥାନୀୟ ସମିତିସଭ୍ୟଙ୍କ ପ୍ରତିନିଧି ବୈକୁଣ୍ଠନାଥ ଦାଶ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧ୍ରୁବଚରଣ ରାଉତ, ଓଷ୍ଟା ବ୍ଲକ ସମ୍ପାଦକ ଅକ୍ଷୁର ରାଉତ ପ୍ରମୁଖ ମଞ୍ଚାସୀନ ରହିବା ସହ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ୧୭ ଟି ବିଦ୍ୟାଳୟରୁ ୧୬୮ ଜଣ ଛାତ୍ରୀଛାତ୍ରୀ ଅଂଶଗ୍ରହଣ କରିଥିଲେ। ଆସନ୍ତା ୨୧ ତାରିଖରେ ଜିଲାସ୍ତରୀୟ ଉତ୍ସବ ପାଇଁ ୩୦ ଜଣ ଛାତ୍ରୀଛାତ୍ର ମନୋନୀତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ନିରୁପମା ମହାରଣା, ଓଷ୍ଟା ଜିଲା ସମ୍ପାଦକ ମାଣିକେଶ୍ୱର ସ୍ୱାଇଁ, ଓଷ୍ଟା ନୟାଗଡ଼ ଜିଲା ପୂର୍ବତନ ସମ୍ପାଦକ କିଶୋର ଚନ୍ଦ୍ର ପରମଗୁରୁ ଉପସ୍ଥିତ ରହି ପୁରସ୍କାର ବଣ୍ଟନ କରିଥିଲେ।

**୩୦ ଜଣ ଛାତ୍ରୀଛାତ୍ର ଜିଲାସ୍ତରୀୟ ଉତ୍ସବକୁ ମନୋନୀତ**

# ରାଇକିଆ ବଣିକ ସଂଘ ଚତୁର୍ଥ ପ୍ରତିଷ୍ଠା ଦିବସ

**ରାଇକିଆ,୧୮।୧୨(ଡି.ଏନ୍.ଏ)**

ରାଇକିଆ ବଣିକ ସଂଘର ଚତୁର୍ଥ ପ୍ରତିଷ୍ଠା ଦିବସ ରବିବାର ପାଳିତ ହୋଇଯାଇଛି। ସଭାପତି ପଦ୍ମଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ପ୍ରୀତମ ପ୍ରଧାନ, ଜିଲା ପରିଷଦ ସଭ୍ୟ ସତ୍ୟବାନ୍ ପାତ୍ର, ତହସିଲଦାର ଅକ୍ଷୟ ପାଣି ଉତ୍ତୁ, ରାଇକିଆ ସରପଞ୍ଚ ଗୀତାଞ୍ଜଳି ନାୟକ, ବେରେଡାକିଆ ସରପଞ୍ଚ ଅକ୍ଷୟ ପ୍ରଧାନ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ପାଇଁ ବ୍ୟକ୍ତିବିଶେଷ ଓ ସଙ୍ଗଠନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ଦୁର୍ଯ୍ୟୋଧନ ଲେଙ୍କା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ମହିଳା ସଶକ୍ତୀକରଣ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସେଥିରେ ବହୁସଂଖ୍ୟାରେ ମହିଳା ସାମିଲ ହୋଇଥିଲେ। ରାଇକିଆ ବ୍ଲକ ଓଡ଼ିଶା ଜୀବିକା ମିଶନର ବିପିଏମ୍ ଜୟଦେବ ପ୍ରଧାନ ଯୋଗଦେଇ ସ୍ୱୟଂ ସହାୟିକା ଗୋଷ୍ଠୀ ମାଧ୍ୟମରେ ମହିଳାମାନେ କିପରି ଆତ୍ମନିର୍ଭରଶୀଳ ହୋଇପାରୁଛନ୍ତି ସେ ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଙ୍ଗଠନ ସମ୍ପାଦକ ରାମକୃଷ୍ଣ ବେହେରା, ଉପସଭାପତି ପ୍ରତାପ ଜେନା, ସନ୍ଦୀପ ସାବତ, ତ୍ରିପତି ସୁବୁଦ୍ଧି, ସହସମ୍ପାଦକ ଶ୍ରୀନିବାସ ଆଚାରୀ, କୋଷାଧ୍ୟକ୍ଷ ବାଲ୍ମୀକି ପତି ଉପସ୍ଥିତ ଥିଲେ। ସହସମ୍ପାଦକ ଦୂତିକୃଷ୍ଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



ମଞ୍ଚାସୀନ ଅତିଥି।

# ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ଫୁଲବାଣୀ ଅଫିସ, ୧୮।୧୨**

ଓଡ଼ିଶା ସରକାରଙ୍କ ଯୋଜନା ଓ ସମନ୍ୱୟ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଚାଲିଥିବା ୨ଦିନିଆ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ-୨୦୩୦ ତାଲିମ ଉଦ୍‌ଯାପିତ ହୋଇଛି। ଦ୍ୱିତୀୟ ଦିବସରେ ପ୍ରଶିକ୍ଷାର୍ଥୀମାନେ କ୍ଷେତ୍ର ପରିଦର୍ଶନ କରିଥିଲେ। ସେଥିପାଇଁ ପ୍ରଶିକ୍ଷାର୍ଥୀମାନଙ୍କୁ କେତୋଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଥିଲା। ସେମାନେ ଫୁଲବାଣୀ ବ୍ଲକ ଅନ୍ତର୍ଗତ ପବିଙ୍ଗିଆ ଓ କେରେଡ଼ି ଗ୍ରାମର ବିଭିନ୍ନ ୱାର୍ଡ ବୁଲି ଲୋକଙ୍କ ସହ ମିଶିଥିଲେ । ସେଠାର ଥିବା ଶିକ୍ଷା ବ୍ୟବସ୍ଥା, ନ୍ୟୁଟ୍ରିସନ୍ ଓ ମୌଳିକ ଆବଶ୍ୟକତା ଉପରେ ତଥ୍ୟ ସଂଗ୍ରହ କରିଥିଲେ। ଏହି ସମସ୍ୟାଗୁଡ଼ିକ ସହିତ ଲିଙ୍କ୍ କରୁଥିବା ଗୋଲ୍, ସ୍କିମ୍ ବା ପ୍ରୋଗ୍ରାମ, ବିଭାଗ, ସମାଧାନର ଦିଗ ଉପସ୍ଥାପନା କରିଥିଲେ। ମିଳିତ ଜାତିସଂଘ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ୧୭ଟି ଗୋଲ୍ ଯେପରିକି, ବିଶ୍ୱରେ ସମସ୍ତ ପ୍ରକାର ଦାରିଦ୍ର୍ୟତାର ଅବସାନ, ଖାଦ୍ୟ ସୁରକ୍ଷା ଏବଂ ଉନ୍ନତ ପୋଷଣ ମାଧ୍ୟମରେ ଜଣେ କେହିବି ଭୋକିଲା ରହିବେ ନାହିଁ ଏବଂ କୃଷିର ନିରନ୍ତର ବିକାଶ ଆଦିକୁ କାର୍ଯ୍ୟରେ ଲଗାଇବାକୁ ବ୍ଲକସ୍ତରରେ ତାଲିମ ଦେବାକୁ ଭୁବନେଶ୍ୱର ଯୋଜନା ଓ ସମନ୍ୱୟ ବିଭାଗର ଅଳକା ଜେନା ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।

ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ଯୋଜନା ଉପ ନିର୍ଦ୍ଦେଶକ ଭିମସେନ ବାର୍ଲା, ଭୁବନେଶ୍ୱର ସୋସିଆଲ୍ ସେକ୍ଟରର ଏସ୍.ଡି.ଜି.-ପି.ଏମ୍.ୟୁ. ଯୋଜନା ଓ ସମନ୍ୱୟ ବିଭାଗର ଡଃ.ରମେଶ ଚେଲାନ୍, ଆନାଲିଷ୍ଟ ଡଃ. ପ୍ରମୋଦ ମଲ୍ଲିକ, ଜୋନାଲ୍ କୋଅର୍ଡିନେଟର୍ ଲିଭିଙ୍ଗ୍ ଫାର୍ମ ଆଲୋକ ରଞ୍ଜନ ଦାସଙ୍କ ସମେତ ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ ।

# ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ଦାରିଙ୍ଗବାଡି,୧୮।୧୨(ଡି.ଏନ.ଏ )**

ଦାରିଙ୍ଗବାଡ଼ି ବ୍ଲକ ଅନ୍ତର୍ଗତ ସିମନବାଡ଼ି ପାଟଖଣ୍ଡା ଖେଳ ପଡିଆଠାରେ ରାମ ନାୟକ ମେମୋରିଆଲ ରାଜ୍ୟ ସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜି. ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ ଯୋଗଦେଇ ଥିବା ବେଳେ ଅତିଥି ଭାବେ ଗୋଷ୍ଠୀ ପ୍ରାଣୀ ଚିକିତ୍ସକ ଦୀପକ ପ୍ରଧାନ, ସିମନବାଡି ସମିତିସଭ୍ୟ ସାଧୁ ନାୟକ, ଜିଲା ପରିଷଦ ସଭ୍ୟ ରଞ୍ଜନ ପ୍ରଧାନ, ଏମ୍‌ପି ପ୍ରତିନିଧି ଅକ୍ଷୟ ନାୟକ, ବିଧାୟକ ପ୍ରତିନିଧି ଦୀପକ ସାହୁ, ଏଏସ୍‌ଆଇ ଲକ୍ଷ୍ମୀ ମାଝୀ, ଏଏସ୍‌ଆଇ ସୁବାସ ଚନ୍ଦ୍ର ବାଏକ ପ୍ରମୁଖ ଯୋଗ ଦେଇଥିଲେ। ରାମ ନାୟକଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ ଏହି ଟୁର୍ନାମେଣ୍ଟ ଆୟୋଜନ କରାଯାଇଥିଲା। ଏଥିରେ ୮ ଟିମ ମଧ୍ୟରେ ତିନି ଦିନ ଧରି ଖେଳ ହୋଇଥିବା ବେଳେ ରବିବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସିମନବାଡି ଓ ବଲାଙ୍ଗିର ଟିମ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ କୌଣସି ଟିମ ଗୋଲ କରିନଥିବା ବେଳେ ବଲାଙ୍ଗିର ଟିମ ସିମନବାଡି ଟିମକୁ ୨-୩ ପେନାଲ୍ଟି ସଟ ଦେଇ ବିଜୟ ହୋଇଥିଲା। ବିଜୟୀ ବଲାଙ୍ଗିର ଦଳକୁ ୨୦ ହଜାର ଟଙ୍କା ସହ ବିଜୟ ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ରନର୍ ଦଳକୁ ୧୫ ହଜାର ଟଙ୍କା ସହ ରନର୍ କପ ପ୍ରଦାନ କରାଯାଇଥିଲା। ଏହା ମଧ୍ୟରେ ବାଲିଗୁଡ଼ା ଓ ରାଇକିଆ ମହିଳା ଫୁଟବଲ ଟିମ ମଧ୍ୟରେ ବନ୍ଧୁତାପୂର୍ଣ୍ଣ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଅନ୍ତର୍ଜାତୀୟ ରେଫରି ଶ୍ୟାମ ସୁନ୍ଦର ଫାଇନାଲ ଟୁର୍ନାମେଣ୍ଟରେ ରେଫରି କରିଥିଲେ। ସିମନବାଡି ନେତାଜୀ ଆଥଲେଟିକ ସଂଘ ସଭାପତି ନାଗେଶର ରାଓ ସୁବୁଦ୍ଧିଙ୍କ ତତ୍ତ୍ୱାବଧାନ କ୍ରମେ ସମ୍ପାଦକ ଶୁକଦେବ ପ୍ରଧାନ ଏହାର ପରିଚାଳନା କରିଥିବା ବେଳେ ଅମର ନାୟକ, ପାପୁ ନାୟକ, ଜଗନ୍ନାଥ ନାୟକ, ଶିଶିର ପରିଛା ପ୍ରମୁଖ ସହଯୋଗ କରିଥିଲେ।



ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରାଯାଇଛି।

# ବ୍ଲକସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା

**ବୈଠକର ନିଷ୍ପତ୍ତିକୁ କାର୍ଯ୍ୟକାରୀ କରାଗଲା ନାହିଁ**

**ଭଞ୍ଜନଗର,୧୮।୧୨(ଡି.ଏନ.ଏ)**

ଓଡ଼ିଶାରେ ହେବାକୁ ଥିବା ହକି ବିଶ୍ୱକପ୍‌ର ପ୍ରଚାର ପ୍ରସାର ନିମନ୍ତେ ପଞ୍ଚାୟତସ୍ତରରୁ ରାଜ୍ୟସ୍ତରୀୟ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ଦୌଡ଼କୁଦ ପ୍ରତିଯୋଗିତା ହେଉଛି। ଗଣମାଧ୍ୟମ ସହାୟତାରେ ପ୍ରଚାର ପ୍ରସାର କରାଯିବା ସହ ପୋଷ୍ଟର ବ୍ୟାନର ମାଧ୍ୟମରେ ମଧ୍ୟ କରିବା ପାଇଁ ବିଭିନ୍ନ ବୈଠକରେ ନିଷ୍ପତି ହୋଇଛି। କିଛିଦିନ ପୂର୍ବେ ଭଞ୍ଜନଗର ବ୍ଲକରେ ଉକ୍ତ ପ୍ରତିଯୋଗିତାର ସଫଳତା ସମ୍ପର୍କରେ ମିଡିଆ ମାଧ୍ୟମରେ ପ୍ରଚାର କରିବା ପାଇଁ ନିଷ୍ପତି ହୋଇଥିଲା। ଏଥିସହ ବ୍ଲକର ୨୨ଟି ଯାକ ପଞ୍ଚାୟତର ପ୍ରମୁଖ ସ୍ଥାନରେ ମୁଖ୍ୟମନ୍ତ୍ରୀଙ୍କ ଫଟୋ ସହ ପୋଷ୍ଟର ବ୍ୟାନର ମାରିବା ପାଇଁ ନିଷ୍ପତି ହୋଇଥିଲା। ବ୍ଲକସ୍ତରୀୟ ପ୍ରତିଯୋଗିତାକୁ ପରିଚାଳନା କରିବା ପାଇଁ ୫୦ ହଜାର ଟଙ୍କା ମଧ୍ୟ ପ୍ରଦାନ କରାଯାଇଥିଲା। କିନ୍ତୁ ପ୍ରଚାର ପତ୍ରଟିଏ କେଁଉଠି ଦେଖିବାକୁ ମିଳିନାହିଁ। ଗଣମାଧ୍ୟମ ପ୍ରତିନିଧିଙ୍କୁ ମଧ୍ୟ ଡକାଗଲା ନାହିଁ। ଦୁଇଦିନ ଧରି ବଡ଼କୋଦଣ୍ଡା ହାଇସ୍କୁଲରେ ଚାଲିଥିବା ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଥିଲେ ମଧ୍ୟ ପ୍ରଚାର ପ୍ରସାର ପ୍ରତି ସେଭଳି ଗୁରୁତ୍ୱ ଦିଆଯାଇ ନାହିଁ। କର୍ମକର୍ତ୍ତାମାନଙ୍କ ହେୟ ଜ୍ଞାନ ଯୋଗୁ ପ୍ରତିଯୋଗିତାରୁ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଦୂରେଇ ରଖାଗଲା, ଯାହାକୁ ନେଇ ଭଞ୍ଜନଗର ପ୍ରେସ୍‌କ୍ଲବ କର୍ମକର୍ତ୍ତାମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଶନିବାର ଉଦ୍‌ଯାପନି ଉତ୍ସବରେ ବିଡିଓ ଶଶିଭୂଷଣ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ବ୍ଲକ ଅଧ୍ୟକ୍ଷ ନରିସଭା ନାୟକ ମୁଖ୍ୟ ଅତିଥି, ସରପଞ୍ଚ ରେଶ୍ମା କୁମାରୀ ନାୟକ, ସରପଞ୍ଚଙ୍କ ପ୍ରତିନିଧି ହୃଷିକେଶ ପ୍ରଧାନ, ସମିତିସଭ୍ୟ ଜେ.ମନୋଜ କୁମାର ପୃଷ୍ଟି, ଜିଲା ପରିଷଦ ସଭ୍ୟା ଶୈଳବାଳା ବିଷୋୟୀ, ବିଇଓ ଏସ୍.ଧନଞ୍ଜୟ, ବିଦ୍ୟାଳୟ ପ୍ରଧାନଶିକ୍ଷକ ସନ୍ତୋଷ ଜେନା, ଏବିଇଓ ନେତାଜୀ ବିଷୋୟୀ, ଶଙ୍କର୍ଷଣ ତ୍ରିପାଠୀ, ବିଆରସିସି ସୂର୍ଯ୍ୟ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସିଆରସିସି ମୋହନ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ ।



ପ୍ରତିଯୋଗିତା ଚାଲିଛି।

## ସଂକ୍ଷେପରେ

### ମାଗଣା ସ୍ୱାସ୍ଥ୍ୟସେବା ଶିବିର

ସିଂହପୁର,୧୮।୧୨(ଡି.ଏନ୍.ଏ.): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଏରଡ଼ଙ୍ଗଠାରେ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଆଳି ବିକାଶ ମଞ୍ଚ ଭୁବନେଶ୍ୱର ଆନୁକୂଲ୍ୟରେ ମା' ସାହାଡ଼ା ସୁନ୍ଦରୀ ସେବାସଂସ୍ଥା ସହଯୋଗରେ ଏହି ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ଧୋୟା ଅଞ୍ଚଳ ସମେତ ଆଖପାଖ ଅଞ୍ଚଳରୁ ଶତାଧିକ ରୋଗୀ ଚିକିତ୍ସାର ସୁଯୋଗ ନେଇଥିଲେ। ଡ. ଧରଣୀଧର ପାଣ୍ଡବ, ଡ. ଶୋଭା ଦାସ, ଡ. ରମେଶ ଚନ୍ଦ୍ର ଦାସ, ଡ. ପ୍ରତ୍ୟୁଷ ରାୟ, ଡ. ଦୁର୍ଯ୍ୟୋଧନ ସାମଲ ପ୍ରମୁଖ ୬୨୭ ରୋଗୀଙ୍କୁ ପରୀକ୍ଷା କରି ଔଷଧ ପ୍ରଦାନ କରିଥିଲେ। ସେବାସଂସ୍ଥା ସଭାପତି ଗୋଲେଖ ଚନ୍ଦ୍ର ନାୟକ, ସମ୍ପାଦକ ଅୟସ କୁମାର ଦାସ, ଉପଦେଷ୍ଟା ଧନେଶ୍ୱର ନାୟକ, ନେତ୍ରାନନ୍ଦ ଦାସ, ପ୍ରଫୁଲ୍ଲ ଦାସ, ପ୍ରତାପ କୁମାର ନାୟକ, ସମିତିସଭ୍ୟା ଜ୍ୟୋସ୍ନାରାଣୀ ଦାସ, ଶିକ୍ଷକ ସଞ୍ଜୟ କୁମାର ସାମଲ, ନଗେନ୍ ସାମଲ ଓ ସୂର୍ଯ୍ୟକାନ୍ତ ଦାସ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ପ୍ରଧାନ ଶିକ୍ଷକ ଧନେଶ୍ୱର ସାହୁ, ଜ୍ଞାନେନ୍ଦ୍ର ସାମଲ, ଦୀନେଶ ଜେନା, ବାସନ୍ତି ପରିଡ଼ା, ପ୍ରମିଳା ଦାସ, ସୁରଭି ମହାଲିକ, ନିରୁପମା ସେଠୀ, ଶାନ୍ତିଲତା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା

କାଏମା,୧୮।୧୨(ଡି.ଏନ.ଏ.): ଧର୍ମଶାଳା ବ୍ଲକ କାଏମା ଲାଲବାହାଦୁର ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ଦ୍ୱାରା ବାର୍ଷିକ ଉତ୍ସବ ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୁତି ଲିଖନ, ବର୍ଣ୍ଣବୋଧ ଶବ୍ଦ ଗଠନ ଏବଂ ସାଧାରଣ ଜ୍ଞାନ ଆଦି ପ୍ରତିଯୋଗିତା ହୋଇଥିଲା। କୃତି ଛାତ୍ରୀଛାତ୍ରଙ୍କୁ ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ। ଏହି କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜନା ପରିଡ଼ା, ଶିକ୍ଷକ ଅନିଲ କୁମାର ମହାରଣା, ଗୀତା ମହାନ୍ତି, ଅବସରପ୍ରାପ୍ତ ଶିକ୍ଷକ ହରିହର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ଆସନ୍ତା ୨୫ ତାରିଖରେ ହେବାକୁ ଥିବା ବାର୍ଷିକ ଉତ୍ସବ ପାଇଁ ଏକ ବୈଠକ ମଧ ଅନୁଷ୍ଠିତ ହୋଇଥିଲା ।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ

ଯାଜପୁର ଟାଉନ,୧୮।୧୨(ଡି.ଏନ.ଏ.): ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଯାଜପୁର ନଗରର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ପ୍ରାକ୍ତନ କୀଡ଼ା ଶିକ୍ଷକ ନିରଞ୍ଜନ ସାହୁ ଉଦ୍‌ଘାଟନ କରିଥିଲେ। କ୍ରୀଡ଼ାକୁ ସୁଚାରୁରୂପେ କ୍ଷୀରୋଦ କୁମାର ବାରିକ, କ୍ରୀଡ଼ା ଶିକ୍ଷକ ଓ ପ୍ରଧାନଆଚାର୍ଯ୍ୟ ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟା ଓ ଆଚାର୍ଯ୍ୟ ସହଯୋଗ କରିଥିଲେ।

# ରପ୍ତାନି ବନାମ ଅଭାବୀ ବିକ୍ରି

ଯାଜପୁର ଅଫିସ,୧୮।୧୨

ଚାଉଳ ଉତ୍ପାଦନରେ ଓଡ଼ିଶା ବଳକା ରାଜ୍ୟ ଭାବେ ବିବେଚିତ ହୋଇଛି। ଚାଉଳ ରପ୍ତାନି ପାଇଁ ଓଡ଼ିଶାରେ ବ୍ୟାପକ ସୁଯୋଗ ଥିବା କୁହାଯାଉଛି। ଗତ ୫ ବର୍ଷ ମଧ୍ୟରେ ଚଳିତ ଧାନ ସଂଗ୍ରହ ବର୍ଷର ୨୧।୧୧।୨୦୨୨ ସୁଦ୍ଧା ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ) ଜରିଆରେ ଓଡ଼ିଶା ୭୩୩୮୪୨.୩୬୬ ମେଟ୍ରିକ ଟନ(ଏମ୍‌ଟି) ଚାଉଳ ରପ୍ତାନି କରିଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଗତ ବିଧାନସଭାରେ ରଖିଥିବା ତଥ୍ୟରୁ ଏହା ଜଣାପଡ଼ିଛି। କିନ୍ତୁ ଧାନ ସଂଗ୍ରହରେ ଜାଲ୍ ଟୋକନ ବ୍ୟବହାର, ଜମି ନ ଥାଇ ଚାଷ, ଚାଷୀଙ୍କଠାରୁ ଧାନ ସଂଗ୍ରହ ନ କରି ଭେଣ୍ଡର ରସିଦ ଜାରି, ଠିକ୍ ସମୟରେ ପ୍ରାପ୍ୟ ପାଇବାରେ ସମସ୍ୟା ଆଦି ବ୍ୟାପକ ଅନିୟମିତତା ଅଭିଯୋଗ ଚାଷୀଙ୍କୁ ବ୍ୟଥିତ କରିଛି। ଏହାବାଦ ମିଲମାଲିକ ତଥା ଧାନକିଣା କମ୍ପାନୀ ମାଲାମାଲ ହେଉଥିବାବେଳେ ଚାଷୀ ଅଭାବୀ ବିକ୍ରିର ଫାଶରେ ପଡ଼ି ଛଟପଟ ହେଉଛି। ଚାଷରେ ହେଉଥିବା ଖର୍ଚ୍ଚ ତୁଳନାରେ ଚାଷୀ ଉପଯୁକ୍ତ ଲାଭ ପାଇପାରୁନାହିଁ। ତେଣୁ ବିଭିନ୍ନ ଚାଷୀ ସଂଗଠନ ପକ୍ଷରୁ କୁଇଣ୍ଟାଲ ପିଛା ଧାନର ସର୍ବନିମ୍ନ ମୂଲ୍ୟ ୩୦୦୦ ଟଙ୍କା ଦେବାକୁ ଦାବି କରାଯାଉଛି। ଚାଉଳ ରପ୍ତାନି ବଢୁଥିବାବେଳେ ଚାଷୀଙ୍କ ଉକ୍ତ ଦାବିକୁ ଅଣଦେଖା ବାସ୍ତବରେ ଅନ୍ୟାୟ ବୋଲି ଚାଷୀ ମହଲରେ ମତପ୍ରକାଶ ପାଇଛି। ରିପୋର୍ଟ ଅନୁସାରେ ୨୦୦୩-୦୪ ବର୍ଷରୁ ଭାରତ ସରକାରଙ୍କ ବିକେନ୍ଦ୍ରୀକୃତ ଧାନ ସଂଗ୍ରହ ବା ଡିସିପି ବ୍ୟବସ୍ଥାରେ ଓଡ଼ିଶା ସାମିଲ ହୋଇଛି। ସେବେଠାରୁ ନିଜର ଖାଦ୍ୟାନ୍ନ ଆବଶ୍ୟକତା ପୂରଣ କରିବା ପାଇଁ ରାଜ୍ୟ ସରକାର ଅନ୍ନ ସଂଗ୍ରହ ଯୋଜନାର ପରିଚାଳନା ଭାର ନିଜେ ଗ୍ରହଣ କରିବା ଆରମ୍ଭ କରିଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ହୋଇଥିବା ଚୁକ୍ତିନାମା ଅନୁଯାୟୀ ରାଜ୍ୟରେ ଚାଲୁ ରହିଥିବା ସାଧାରଣ ବଣ୍ଟନ ବ୍ୟବସ୍ଥା ଓ ବିଭିନ୍ନ ଜନହିତକାରୀ ଯୋଜନାରେ ଆବଶ୍ୟକ ହେଉଥିବା ଚାଉଳକୁ ବିନିଯୋଗ କରାଯାଇ ବଳକା ଚାଉଳକୁ ଏଫ୍‌ସିଆଇ ମାଧ୍ୟମରେ କେନ୍ଦ୍ରୀୟ ଅନ୍ନ ଭଣ୍ଡାର(ସେଣ୍ଟ୍ରାଲ ପୁଲ)ରେ ଦାଖଲ କରାଯାଉଛି। ଏଫ୍‌ସିଆଇ ଏହି ବଳକା ଚାଉଳକୁ ନିଅଣ୍ଟ ରାଜ୍ୟକୁ ପ୍ରେରଣ କରୁଛି। ଏହିକ୍ରମରେ ୨୦୧୭-୧୮ରେ ୧୧,୬୧,୩୮୦.୨୨୯ ଏମ୍‌ଟି, ୨୦୧୮-୧୯ରେ ୧୭,୪୪,୬୭୮.୫୪୬ ଏମ୍‌ଟି, ୨୦୧୯-୨୦ରେ ୧୭,୧୬,୬୦୧.୮୧୦ ଏମ୍‌ଟି, ୨୦୨୦-୨୧ରେ



୧୮,୯୯,୫୪୮.୮୫୮ ଏମ୍‌ଟି ଏବଂ ୨୦୨୧-୨୨ ବର୍ଷର ୨୧।୧୧।୨୦୨୨ ସୁଦ୍ଧା ୮,୧୬,୬୩୨.୯୨୩ ଏମ୍‌ଟି ବଳକା ଚାଉଳ ଏଫ୍‌ସିଆଇକୁ ପ୍ରଦାନ କରାଯାଇଛି। ଓଡ଼ିଶାରୁ ଚାଉଳ ରପ୍ତାନି ପ୍ରକ୍ରିୟା ବୃଦ୍ଧି କରିବାରେ ସହାୟତା ପାଇଁ କେନ୍ଦ୍ର ସରକାରଙ୍କ ବାଣିଜ୍ୟ ମନ୍ତ୍ରଣାଳୟ ଅଧୀନ ଏଗ୍ରିକଲଚର ଆଣ୍ଡ ପ୍ରୋସେସ୍ ଫୁଡ୍ ପ୍ରଡକ୍ଟସ୍ ଏକ୍ସପୋର୍ଟ ଡେଭଲପ୍‌ମେଣ୍ଟ ଅଥରିଟି (ଏପିଇଡିଏ)କୁ ଅନୁରୋଧ କରାଯାଇଛି। ଅନ୍ୟପକ୍ଷେ ଓଡ଼ିଶାରେ ଯେଉଁ ପରିମାଣରେ ଧାନଚାଷ ପାଇଁ ସୁଯୋଗ ରହିଛି ଏବଂ ଚାଷୀଙ୍କଠାରୁ ଯେଉଁ ମୂଲ୍ୟରେ ଧାନ ସଂଗ୍ରହ ବ୍ୟବସ୍ଥା କରାଯାଉଛି, ସେହି ଅନୁପାତରେ ସ୍ୱଚ୍ଛତା ଅବଲମ୍ବନ କଲେ ଚାଉଳ ରପ୍ତାନି ଆହୁରି ବୃଦ୍ଧି ପାଇପାରିବ ବୋଲି ମତପ୍ରକାଶ ପାଇଛି।

ରାଜ୍ୟ ତଥା କେନ୍ଦ୍ର ସରକାର ସବୁବେଳେ କୃଷି ଓ କୃଷକଙ୍କ ଉନ୍ନତି ସକାଶେ ଧାନର ମୂଲ୍ୟ ଯେତେ ବୃଦ୍ଧି କଲେ ମଧ୍ୟ ତେଲିଆମୁଣ୍ଡରେ ତେଲ ସଦୃଶ ହେଉଛି। ମିଲମାଲିକ ତଥା ଧାନକିଣା କମ୍ପାନୀ ଫାଇଦାରେ ରହୁଥିବାବେଳେ ପ୍ରାୟ ପ୍ରତିବର୍ଷ ଚାଷୀ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ବର୍ତ୍ତମାନ ଖରିଫ ଋତୁର ଧାନ ଅମଳ ସରିଯାଇଛି। ଚାଷୀଙ୍କ ଧାନ ରଖିବାକୁ ଘରେ ଜାଗାନାହିଁ। ଅନ୍ୟପକ୍ଷେ ଧାନ ବିକ୍ରି କରି ତୁରନ୍ତ ଟଙ୍କା ପାଇବାର ଅଛି। କାରଣ ରବି ଚାଷ ପାଇଁ ସଜବାଜ ହେବାକୁ ପଡ଼ିବ। ଅନ୍ୟପକ୍ଷେ ପ୍ରଶାସନ କେବଳ କାଗଜ କଲମରେ ମଣ୍ଡି ଖୋଲି ବସିଛନ୍ତି। କେତେକ ଜିଲାରେ ଜାନୁୟାରୀ ପ୍ରଥମ ସପ୍ତାହରେ ମଣ୍ଡି ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି। ଫଳରେ ଚାଷୀମାନେ ସରକାରଙ୍କ ନିର୍ଦ୍ଧାରିତ ସର୍ବନିମ୍ନ ମୂଲ୍ୟ କୁଇଣ୍ଟାଲ ପିଛା ୨୦୪୦ ଟଙ୍କା ପରିବର୍ତ୍ତେ ପ୍ରାୟ ୧୪୦୦ ଟଙ୍କାରେ ଅଣ୍ଡରରେଟ୍‌ରେ ବ୍ୟବସାୟୀଙ୍କୁ ବିକିବାକୁ ବାଧ ହେଉଛନ୍ତି। ଯାଜପୁର ଜିଲା କୋରେଇ ବ୍ଲକ ଅଞ୍ଚଳର ଚାଷୀ ଅନିରୁଦ୍ଧ ସ୍ୱାଇଁ, ଅନାଦି ଚରଣ ସାହୁ, ସରୋଜ ଚନ୍ଦ୍ର ଜେନା, ଯୋଗେନ୍ଦ୍ର ସାହୁ ପ୍ରମୁଖ କହିଛନ୍ତି, ଅମଳ କରି ଧାନ ବିକ୍ରି କରିବା ଅପେକ୍ଷାରେ ରହିଛନ୍ତି। ହେଲେ ମଣ୍ଡି ନ ଖୋଲିବାରୁ ନିହାତି ଆବଶ୍ୟକ ସ୍ଥଳେ ବ୍ୟବସାୟୀଙ୍କ ନିକଟରେ ବିକ୍ରି କରିବାକୁ କେତେଜଣ ଚାଷୀ ମନସ୍ଥ କରିଛନ୍ତି।

### ନାବାଳିକାଙ୍କ ବେକରୁ ସୁନା ଲକେଟ ଲୁଟ୍ ଘଟଣା, ଆଉ ଜଣେ ଗିରଫ

ରସୁଲପୁର,୧୮।୧୨(ଡି.ଏନ.ଏ.):

କୁଆଖିଆ ଥାନା ଅଧୀନ ହରିପୁର ରାହାସ ଯାତ୍ରା ଭିଡ଼ର ସୁଯୋଗରେ ଜଣେ ନାବାଳିକାଙ୍କ ବକରୁ ସୁନା ଲକେଟ ଲୁଟ୍ ଘଟଣାରେ ରବିବାର ଆଉ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଯାଜପୁର ସଦର ଥାନା ଅନ୍ତର୍ଗତ ଶ୍ୟାମଦାସପୁର ଗ୍ରାମର ସେକ୍ ରିୟାଜ୍ ଉଦ୍ଦିନ(୨୧)। ଏହି ଅଭିଯୁକ୍ତଙ୍କୁ ମିଶାଇ ଘଟଣାରେ ଗିରଫ ଅଭିଯୁକ୍ତଙ୍କ ସଂଖ୍ୟା ୨ରେ ପହଞ୍ଚିଛି।ଘଟଣା ସହ ଜଡ଼ିତ ଅନ୍ୟଜଣେ ଅଭିଯୁକ୍ତଙ୍କୁ ୧୩ ନଭେମ୍ବରରେ ଲୋକେ ଯାତ୍ରା ପଡିଆରୁ କାବୁ କରି ପୋଲିସ ଜିମା ଦେଇଥିଲେ। ପୋଲିସ ତାଙ୍କଠାରୁ ଏକ ସୁନାପରି ଦେଖାଯାଉଥିବା ଲକେଟ, ବ୍ଲେଡ ଓ କିଛି ଟଙ୍କା ଜବତ କରିବା ସହ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ରିୟାଜ ଫେରାର ହୋଇ ଯାଇଥିଲେ। ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ଅନିତା ପ୍ରଧାନ ଫେରାର ଅଭିଯୁକ୍ତଙ୍କ ମୋବାଇଲ ଫୋନକୁ ଟ୍ରାକିଂ କରିବାରୁ ସେ ଘରେ ରହୁଥିବା ଜାଣିବାକୁ ପାଇଥିଲେ। ତେଣୁ ସେ ଅଭିଯୁକ୍ତଙ୍କୁ ତାଙ୍କ ଘରୁ ଗିରଫ କରିଥିଲେ। ଉଭୟ ଅଭିଯୁକ୍ତ ବିଭିନ୍ନ ସ୍ଥାନରେ ରହାଜାନୀ ଘଟାଇ ଥିବା ପୋଲିସ ଜାଣିବାକୁ ପାଇଛି। ପୂର୍ବରୁ ଗିରଫ ଅଭିଯୁକ୍ତ ହେଉଛନ୍ତି ଗିରଶ ସେଠୀ। ତାଙ୍କ ଘର ସଦର ଥାନା ବଡ଼ କୁଖାଲା ଗ୍ରାମରେ। ଉଭୟଙ୍କ ନାମରେ ବିଭିନ୍ନ ସ୍ଥାନରେ ଚୋରି ମାମଲା ରହିଛି।

## ଛାତ୍ରୀଛାତ୍ର କଳାକୃତି ପ୍ରତି ଆଗ୍ରହ ରଖିବା ଉଚିତ



ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

ଯାଜପୁର ଅଫିସ,୧୮।୧୨:

କୋରେଇ ବ୍ଲକ ଅନ୍ତର୍ଗତ ଧନେଶ୍ୱର ପଞ୍ଚାୟତର ସାନପାଟୁଳୀସ୍ଥିତ ଏସ୍‌ବିଡି ଇଣ୍ଟରନ୍ୟାଶନାଲ ସ୍କୁଲର ୬ଷ୍ଠ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ସଭା ସ୍କୁଲ୍ ଚେୟାରମ୍ୟାନ ଦେବାଶିଷ ଦିକ୍ଷିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥିଭାବେ କଳିଙ୍ଗନଗରସ୍ଥିତ ଜିନ୍ଦଲ ଷ୍ଟେନଲେସ ଷ୍ଟିଲର ଜେନେରାଲ ମ୍ୟାନେଜର ସଂଗୀତା ସିଂହ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ

**ଏସ୍‌ବିଡି ଇଣ୍ଟରନ୍ୟାଶନାଲ ସ୍କୁଲ୍‌ର ବାର୍ଷିକ ଉତ୍ସବ**

ମଧ୍ୟରେ ସ୍କୁଲର ନିର୍ଦ୍ଦେଶକ ଯୁଧିଷ୍ଠିର ଦେବତା, ଅଧ୍ୟକ୍ଷ ଦେବେନ୍ଦ୍ର କୁମାର ଶତପଥୀ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ର ଶିକ୍ଷାମନସ୍କ ହେବା ସହ ଅନ୍ୟ କଳାକୃତୀ ପ୍ରତି ଆଗ୍ରହ ପ୍ରକାଶ କରିବା ଉଚିତ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ବିଭୁ ଅର୍ଚ୍ଚନା ସଂଚାଳନା କରିଥିଲାବେଳେ ଶିକ୍ଷୟିତ୍ରୀ ସରିତା ସିଂହ ସ୍ୱାଗତ ଭାଷଣ ଓ ଶିକ୍ଷୟିତ୍ରୀ ଲୋପାମୁଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଶିକ୍ଷକ ଦୀପକ କୁମାର ମହାପାତ୍ରଙ୍କ ପରିଚାଳନାରେ ବିଭିନ୍ନ ବିଭାଗରେ ଅନୁଷ୍ଠିତ ଟ୍ୟାଲେଣ୍ଟ୍ ସର୍ଚ୍ଚରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ପରିଚାଳନାରେ ସ୍କୁଲ ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ। ଶିକ୍ଷକ ରାଧାରମଣ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ୨ ବେଆଇନ ବାଲି ବୋଝେଇ ଟ୍ରାକ୍ଟର ଜବତ

ପାଣିକୋଇଲି,୧୮।୧୨(ଡି.ଏନ.ଏ.):

ପାଣିକୋଇଲି ଥାନା ଅନ୍ତର୍ଗତ ବୁଢ଼ା ନଦୀରୁ ବେଆଇନ ବାଲି ଉଠାଣ ବେଳେ ରବିବାର ଯାଜପୁର ତହସିଲ ଅଫିସ ପକ୍ଷରୁ ଚଢ଼ାଉ କରାଯାଇ ୨ ବାଲିବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। ଟ୍ରାକ୍ଟର ୨ଟି ବାଲି ବୋଝେଇ କରି ରାସ୍ତାର ଆସୁଥିବାବେଳେ ହଠାତ ଚଢ଼ାଉ କରାଯାଇଥିଲା। ଅତିରିକ୍ତ ତହସିଲଦାର ଗାଡ଼ି ୨ଟିକୁ ଜବତ କରି ପାଣିକୋଇଲି ପୋଲିସ ଜିମା ଦେଇଛନ୍ତି। ଜରିମାନା ଆଦାୟ ପରେ ଟ୍ରାକ୍ଟର ୨ଟିକୁ ଛଡ଼ାଯିବ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ଏଠାରୁ ବାଲି ଚୋରାଚାଲାଣ ଏକ ନିତି ଦିନିଆ ଘଟଣାରେ ପରିଣତ ହୋଇଛି। ପ୍ରଶାସନିକ କୋହଳ ମନୋଭାବ ଚୋରା ବାଲି ମାଫିଆକୁ ସୁହାଉଛି। ବାରମ୍ବାର ଅଭିଯୋଗ ହେଲେ ବି ପ୍ରଶାସନ ବେଳେବେଳେ ଚଢ଼ାଉ କରୁଥିବାରୁ ମାଫିଆ ମନଇଚ୍ଛା ବାଲି ଚାଲାଣ କରୁଛନ୍ତି। ତେବେ ଆଗକୁ ଚଢ଼ାଉ ଜୋରଦାର ହେଲେ ବାଲି ଚୋରା ଚାଲାଣରେ ରୋକ୍ ଲାଗି ପାରିବ ବୋଲି କୁହାଯାଉଛି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ



ବାର୍ଷିକ କ୍ରୀଡ଼ା ଉତ୍ସବରେ ଯୋଗଦେଇଥିବା ଅତିଥି।

ସିଂହପୁର,୧୮।୧୨(ଡି.ଏନ.ଏ.):

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ ୨ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ୭୫୦ ଶିଶୁଙ୍କ ମଧ୍ୟରୁ ୬୧୦ ଜଣ କ୍ରୀଡ଼ାରେ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟ ସଭାପତି ବାବୁରାମ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସଂକୁଳ ପ୍ରମୁଖ ଅଧ୍ୟାପକ ଗଗନ ବିହାରୀ ବେହେରା, ସମ୍ମାନିତ ଅତିଥି ସିଂହପୁର ସରପଞ୍ଚ ଶଶାଙ୍କ ଶେଖର ଖିଲାର ଯୋଗଦେଇ ପିଲାଙ୍କୁ ମାର୍ଗଦର୍ଶନ ପ୍ରଦାନ କରିଥିଲେ।

ପ୍ରଧାନ ଆଚାର୍ଯ୍ୟ ବୀରକିଶୋର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷା ରଞ୍ଜିତା ଦାସ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ବିଦ୍ୟାଳୟ ପରିଚାଳନା ସମିତି କୋଷାଧ୍ୟକ୍ଷ ନିର୍ମଳ ସାମଲ, ସଦସ୍ୟା ଗୀତାରାଣୀ ସାହୁ, ପୂର୍ବତନ ସମ୍ପାଦକ ଅଜୟ କୁମାର ପଣ୍ଡା, ପ୍ରାକ୍ତନ ସଭାପତି ସୁଶାନ୍ତ ସାମଲ, ସମ୍ପାଦକ ପ୍ରମୋଦ ସାହୁ ଓ ଅଧ୍ୟାପକ ଗଗନ ବିହାରୀ ବେହେରା ଯୋଗଦେଇଥିଲେ। ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟା ଆଚାର୍ଯ୍ୟ, ସେବିକାସେବକ କ୍ରୀଡ଼ା ପରିଚାଳନାରେ ସହଯୋଗ କରିଥିଲେ।

## ଯାଜପୁର ନ୍ୟୁଜ୍‌ର ପ୍ରଥମ ସ୍ୱନକ୍ଷତ୍ର ଉତ୍ସବ

ଧର୍ମଶାଳା,୧୮।୧୨(ଡି.ଏନ.ଏ.):

ଧର୍ମଶାଳା ବ୍ଲକ ଅଧୀନ ଜାରକାସ୍ଥିତ ଧର୍ମଶାଳା କ୍ଲବ ପରିସରରେ ଯାଜପୁର ନ୍ୟୁଜ୍‌ର ପ୍ରଥମ ସ୍ୱନକ୍ଷତ୍ର ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ସୂର୍ଯ୍ୟପ୍ରଭା ଜିଲା ପ୍ରତିନିଧି ଶରତ ପୋଥାଳାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବକୁ ଧର୍ମଶାଳା ପ୍ରେସ୍‌କ୍ଲବ ସଭାପତି ରମାକାନ୍ତ ଜେନା ଉଦ୍‌ଘାଟନ କରି ଖବରଦାତା ସର୍ବଦା ଦୃଢ଼, ସ୍ୱଚ୍ଛବାଦୀ, ସ୍ୱାଭିମାନୀ ରହିବାକୁ ଚେଷ୍ଟା କଲେ ସମାଜରେ ସେମାନଙ୍କ ସମ୍ମାନ ବୃଦ୍ଧି ହେବ ବୋଲି କହିଥିଲେ। ଅତିଥି ଭାବେ ରାଜ୍ୟ ଖବରଦାତା ସଂଘ ସଭାପତି କୈଳାସ ଚନ୍ଦ୍ର ନାୟକ ଯୋଗଦେଇ ଖବରଦାତାଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥିଭାବେ ସକାଳ ଜିଲା ପ୍ରତିନିଧି ସନ୍ଦୀପ୍ତ ରାୟ ଓ ପ୍ରମେୟ ଜିଲା ପ୍ରତିନିଧି ଉଦୟନାଥ ଖଣ୍ଡାଇ ଯୋଗଦେଇ ଯାଜପୁର ନ୍ୟୁଜ୍‌ର ଉଦ୍ୟମକୁ ପ୍ରଶଂସା କରିଥିଲେ। ଅଧ୍ୟାପକ ବିରଞ୍ଚି ଦାସ ଯାଜପୁର ନ୍ୟୁଜ୍ କୌଣସି ଚାପ ବା ପ୍ରଭାବରେ ଏଯାଏ ପ୍ରଭାବିତ ହୋଇନାହିଁ ଓ ସେ ଗଣମାଧ୍ୟମର ପରିବର୍ତ୍ତୀ ସମୟ ସହ ତାଳ ଦେଇ ଚାଲିବାରେ ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ଏହି ଅବସରରେ ବରିଷ୍ଠ ଖବରଦାତା ଦେବଦତ୍ତ ମିଶ୍ର, ଅବିନେଶ୍ୱର ଶତପଥୀ ଓ ଶ୍ରୀକାନ୍ତ ମହାପାତ୍ରଙ୍କୁ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଜିଲାର ବିଭିନ୍ନ ସ୍ଥାନରେ କାର୍ଯ୍ୟ କରୁଥିବା ଯାଜପୁର ନ୍ୟୁଜ୍ ପ୍ରତିନିଧିଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଚିନ୍ମୟ ନାୟକ ଧନ୍ୟବାଦ ଦେଇଥିଲେ।

## ପୁସ୍ତକ ଭାବନା ଶକ୍ତିକୁ ବିକଶିତ କରେ




ପୁସ୍ତକ ମେଳାରେ ମଞ୍ଚାସୀନ ଅତିଥି।

କଳିଙ୍ଗନଗର,୧୮।୧୨(ଡି.ଏନ.ଏ.):

୭ମ ରାଜ୍ୟସ୍ତରୀୟ କଳିଙ୍ଗନଗର ପୁସ୍ତକ ମେଳାର ୨ୟ ସନ୍ଧ୍ୟା ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ମୋ କଲେଜ ଅଭିଯାନର ଅଧ୍ୟକ୍ଷ ଆକାଶ ଦାସ ନାୟକ ଯୋଗଦେଇ ପୁସ୍ତକର ବିକଳ୍ପ ନାହିଁ ଏବଂ ଏହା ଭାବନାର ଶକ୍ତିକୁ ବିକଶିତ କରିବାରେ ସାହାଯ୍ୟ କରେ ବୋଲି କହିଥିଲେ। ଯେ ପର୍ଯ୍ୟନ୍ତ ଆମେ ଓଡ଼ିଆ ବୋଲି ଗର୍ବ କରିନାହାନ୍ତି ସେ ପର୍ଯ୍ୟନ୍ତ ଭାଷାର ଉନ୍ନତି ହୋଇ ପାରିବ ନାହିଁ। ଏ ଅଞ୍ଚଳର ବୌଦ୍ଧିକ ଓ ସାଂସ୍କୃତିକ ବିକାଶ ପାଇଁ ପୁସ୍ତକ ମେଳାର ଆୟୋଜନ ନିଶ୍ଚିତ ଏକ ପ୍ରଶଂସନୀୟ ଉଦ୍ୟମ ବୋଲି ସେ ମତ ରଖିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପୋଲିସ ଅଧିକାରୀ ସୁମନ୍ତ ଦତ୍ତ ଯୋଗଦେଇ ସର୍ବସାଧାରଣ ବୁଝିବା ଭଳି ଓଡ଼ିଆ ସାହିତ୍ୟ ସୃଷ୍ଟି କରିବା ଉଚିତ ବୋଲି କହିଥିଲେ। ବ୍ୟାସନଗର ପୌର ପରିଷଦର ଉପନଗରପାଳ ସୁଭାଷ ଚନ୍ଦ୍ର ବଳ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁସ୍ତକ ମେଳାର ବିକାଶ ପାଇଁ ସହଯୋଗ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ପ୍ରାରମ୍ଭରେ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ଚିନ୍ମୟୀ ଓ ସ୍ମୃତିରେଖା ବନ୍ଦେ ଉତ୍କଳ ଜନନୀ ସଂଗୀତ ଗାନ

**୭ମ ରାଜ୍ୟସ୍ତରୀୟ କଳିଙ୍ଗନଗର ପୁସ୍ତକ ମେଳାର ୨ୟ ସନ୍ଧ୍ୟା**

କରିଥିଲେ। ସଭାପତି ବିଦ୍ୟାଧର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାଧାରଣ ସମ୍ପାଦକ ଡ. କୁଶଚନ୍ଦ୍ର ପ୍ରଧାନ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସମ୍ପାଦକ ପବିତ୍ର ମହାନ୍ତି ଅତିଥିଙ୍କୁ ସ୍ୱାଗତ କରିଥିଲେ। କୋଷାଧ୍ୟକ୍ଷ ଅଶ୍ୱିନୀ କୁମାର ଦାସ ଅତିଥି ପରିଚୟ ପ୍ରାଦନ କରିଥିଲେ। ଏହି ଅବସରରେ ଛତିଶଗଡ଼ର ଯୁବ ଲେଖକ ପ୍ରୟାଙ୍କ ମିତ୍ତଲଙ୍କ 'ହୋସଲେକି ଉଡାନ' ହିନ୍ଦୀ ପୁସ୍ତକ ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକାରୀ ସଭାପତି ବିବେକାନନ୍ଦ ମହାନ୍ତି, ଉପଦେଷ୍ଟା ଅଭିମନ୍ୟୁ ମିଶ୍ର, ଉପସଭାପତି ଡ. ଅକ୍ଷୟ ପଣ୍ଡା, କର୍ମକର୍ତ୍ତା ସର୍ବଶ୍ରୀ ଜୟନ୍ତୀ ଜେନା, ପ୍ରଜ୍ଞା ପବର୍ତ୍ତିକା ଦାସ, ବୀରକିଶୋର ସାହୁ, ଜ୍ଞାନରଞ୍ଜନ ରାଉତ, ଚଣ୍ଡୀ କ୍ଲବ ସମ୍ପାଦକ ଶିଶିର ରାଉତ ଓ ମଧୁସୂଦନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ମେଳାର ଉପସଭାପତି ପ୍ରଧାନ ଶିକ୍ଷୟିତ୍ରୀ ଯୁଗପ୍ରଭା ସାବତ ଧନ୍ୟବାଦ ଦେଇଥିଲେ। ଶେଷରେ କୁସୁନପୁରସ୍ଥିତ ଦେବ ଇଣ୍ଟରନ୍ୟାଶନାଲ ସ୍କୁଲ୍ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ବାବା ଲିଙ୍ଗେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ପାଣିକୋଇଲି,୧୮।୧୨(ଡି.ଏନ.ଏ.):



କୋରେଇ ବ୍ଲକ ଅନ୍ତର୍ଗତ ମୂଳାପାଳଠାରେ ଦଶମ ବାର୍ଷିକ ବାବା ଲିଙ୍ଗେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୋଟ୍ ୮ଟି ଦଳ ଅଂଶ ଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ମ୍ୟାଚ ମା' ମଙ୍ଗଳା କ୍ରିକେଟ ଟିମ ଧନତ୍ରୀ ବନାମ ଏଲ୍‌ଏନ୍‌ସିସି ପଣ୍ଡୁଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଧନତ୍ରୀ ପ୍ରଥମେ ଟସ ଜିଣି ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୨ ଓଭର ଖେଳି ୮ ଉଇକେଟ ହରାଇ ୬୦ ରନ ସଂଗ୍ରହ କରିଥିଲା। ଜବାବରେ ପଣ୍ଡୁଲା ୫ ଉଇକେଟ ହରାଇ ୬୨ ରନ କରି ବିଜୟ ଲାଭ କରିଥିଲା। ଚନ୍ଦନ ଓଝା ଓ ଶୁକଦେବ ପାଲ ମ୍ୟାଚ୍ ପରିଚାଳନା କରିଥିଲେ। ଟୁର୍ନାମେଣ୍ଟକୁ ଯୁବ ସାମାଜିକ କର୍ମୀ ଗୋଲକ ଚନ୍ଦ୍ର ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବିଶ୍ୱନାଥ ମାଝି, ଚନ୍ଦନ ଜେନା, ବିଶ୍ୱଜିତ ସାମଲ, ସମୀର ସାହୁ, ରାଜା ଜେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସୋମବାର ଜଗନ୍ନାଥ ପ୍ରସାଦ ବନାମ ପୁରୀପଡ଼ା, ରଣପାଳ ବନାମ କ୍ଷୀରୋ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

# ଏମ୍‌ସିସି ଯାଜପୁର ଚାମ୍ପିୟନ

ଯାଜପୁର ଟାଉନ,୧୮।୧୨(ଡି.ଏନ.ଏ.):

ଓଡ଼ିଶା କ୍ରିକେଟ୍ ଆସୋସିଏଶନ୍ ଓ ଯାଜପୁର ଜିଲା କ୍ରିକେଟ୍ ଆସୋସିଏଶନ୍ ମିଳିତ ଉଦ୍ୟମରେ ନାଥସାହି ନୂଆପଡ଼ା ଖେଳପଡ଼ିଆଠାରେ ଚାଲିଥିବା ଜିଲା ଜୁନିୟର୍ ଆନ୍ତଃକ୍ଲବ୍ କ୍ରିକେଟ୍ ଟୁର୍ନାମେଣ୍ଟର ରବିବାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏମ୍‌ସିସି ଯାଜପୁର ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍ ଏମ୍‌ସିସି ଯାଜପୁର ଓ ଇଲେଭେନ ଷ୍ଟାର ଯାଜପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏମ୍‌ସିସି ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ନିର୍ଦ୍ଧାରିତ ୫୦ ଓଭର ମଧ୍ୟରୁ ୪୫ ଓଭର ଖେଳି ସମସ୍ତ ଉଇକେଟ୍ ହରାଇ ୨୩୭ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ହମିଦ୍ ରାଜା ସର୍ବାଧିକ ୮୪ ରନ୍ ଓ ବିଭୂତି ଭୂଷଣ




ଅତିଥିଙ୍କ ଗହଣରେ ଖେଳାଳିମାନେ।

ଭୂୟାଁ ୪୯ ରନ୍ ସଂଗ୍ରହ କରିଥିଲେ। ଇଲେଭେନ ଷ୍ଟାରର ବୋଲର ଦୀପକ ଜେନା ୯ ଓଭର ବୋଲିଂ କରି ୩୫ ରନ୍ ଦେଇ ୨ଟି ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ଇଲେଭେନ ଷ୍ଟାର ୪୦ ଓଭର ଖେଳି ସମସ୍ତ ଉଇକେଟ୍ ହରାଇ ୧୪୦ ରନ୍ ସଂଗ୍ରହ କରି ପରାସ୍ତ ହୋଇଥିଲା। ଏମ୍‌ସିସି ଯାଜପୁର ଦଳର ବୋଲର ବିଭୂତି ଭୂଷଣ ଭୂୟାଁ ୩ ଉଇକେଟ୍ ନେଇଥିବାବେଳେ ଏମ୍.ଡି ସୋହେଲ ୨ଟି ଉଇକେଟ୍ ଅକ୍ତିଆର କରିଥିଲେ।

ଫାଇନାଲ ମ୍ୟାଚ୍‌ର ପୁରସ୍କାର

**ଯାଜପୁର ଜିଲା ଜୁନିୟର୍ ଆନ୍ତଃ କ୍ଲବ୍ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ**

ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲା କ୍ରିକେଟ୍ ଆସୋସିଏଶନ ସଭାପତି ଯଯାତି କେଶରୀ ଦାସ, ସମ୍ପାଦକ ଜ୍ଞାନଚାନ୍ଦ ଦାସ, ଉପସଭାପତି ପଦାରବିନ୍ଦ ପରିଡ଼ା, ବଟକୃଷ୍ଣ ମହାପାତ୍ର, ପୂର୍ବତନ ସରପଞ୍ଚ ତୁଷାରକାନ୍ତ ପରିଡ଼ା, ସାମାଜିକ କର୍ମୀ କୈଳାସ ଚନ୍ଦ୍ର ପହି, ଜିଲା କ୍ରିକେଟ୍ ଆସୋସିଏଶନର ବରିଷ୍ଠ ସଭ୍ୟ କମଳେନ୍ଦୁ ଦାସ, ଅଭୟ ବଲ୍ଲଭ ପଣ୍ଡା ଓ ସାମାଜିକ କର୍ମୀ ମନୋଜ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ଚାମ୍ପିୟନ ଦଳକୁ ପୁରସ୍କୃତ କରିଥିଲେ।

**ରାଜନଗରରେ ଗୀତାଯଜ୍ଞ**

ରାଜନଗର,୧୮।୧୨(ଡି.ଏନ.ଏ.): ଏହି ବ୍ଲକ ଅନ୍ତର୍ଗତ ରାଜନଗର ଗାଁରେ ପୂଜା ପାଉଥିବା ଶ୍ରୀ ଶ୍ରୀ ଦଧିବାମନ ଜୀଉଙ୍କ ମନ୍ଦିର ପରିସରରେ ପବିତ୍ର ଗୀତାଯଜ୍ଞ ଓ ଗୀତା ପାଠ ଅନୁଷ୍ଠିତ ହୋଇଯାଇଛି। ରାଜନଗର ଗୀତାଯଜ୍ଞ କମିଟି ଅନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପଣ୍ଡିତ ଶଙ୍କର୍ଷଣ ମିଶ୍ର, ପଣ୍ଡିତ ବିଜୟ କୁମାର ନନ୍ଦ, ପଣ୍ଡିତ ଶିଶିର କୁମାର ଦାଶ, ପଣ୍ଡିତ ଅଭୟ କୁମାର ମିଶ୍ର, ପଣ୍ଡିତ ରଜନୀକାନ୍ତ ଦେବତା, ପଣ୍ଡିତ ହରକୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଯଜ୍ଞ ଓ ଗୀତାପାଠ କରାଯାଇଥିଲା। ଏହି ଯଜ୍ଞରେ କର୍ତ୍ତା ଭାବେ ପ୍ରେମାନନ୍ଦ ଲେଙ୍କା ସସ୍ତ୍ରୀକ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମକୁ ଗୀତାଯଜ୍ଞ କମିଟିର ଅନିରୁଦ୍ଧ ପରିଡା, ସୋମନାଥ ବାରିକ, ପ୍ରଦୀପ ମିଶ୍ର, ବାଇଧର ସେଠୀ, ସରୋଜ ଦାସ, ଶରତ କୁମାର ଲାଲ ପ୍ରମୁଖ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଡେରାବିଶ ମହୋତ୍ସବ ପାଇଁ ପ୍ରସ୍ତୁତି

**କ୍ଷେତ୍ର ପରିଦର୍ଶନ କଲେ ବରିଷ୍ଠ ପ୍ରଶାସନିକ ଅଧିକାରୀ**

ଡେରାବିଶ,୧୮।୧୨(ସ୍ୱ.ପ୍ର.): ୧୧ତମ ଡେରାବିଶ ମହୋତ୍ସବ ଆସନ୍ତା୨୫ରୁ ୩୧ ତାରିଖ ଯାଏ ୭ ଦିନ ଧରି ଗୋଲରାହାଟ ପଞ୍ଚାୟତ ମିନିଷ୍ଟାଡ଼ିୟମ୍‌ରେ ଅନୁଷ୍ଠିତ ହେବ। ଚଳିତ ବର୍ଷ ଏହି ମହୋତ୍ସବକୁ ଅଧିକ ସୁରସ ସୁନ୍ଦର ଓ ଆକର୍ଷିତ କରିବା ପାଇଁ ମହୋତ୍ସବ କମିଟିର କର୍ମକର୍ତ୍ତାଙ୍କ ପକ୍ଷରୁ ଆରମ୍ଭ ହୋଇଛି ପ୍ରସ୍ତୁତି। ଡେରାବିଶ ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ଅନୁଷ୍ଠିତ ଓ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନର ସହଯୋଗରେ ଆୟୋଜିତ ଏହି ମହୋତ୍ସବର ପୂର୍ଣ୍ଣାଙ୍ଗ ପ୍ରସ୍ତୁତି ବୈଠକ ଶନିବାର ଗୋଲରାହାଟ ପଞ୍ଚାୟତ ତିଲକପୁରଠାରେ ଅନୁଷ୍ଠିତ ହୋଇଥିଲ। ସାଂସ୍କୃତିକ ସଙ୍ଗଠନର ସଭାପତି ଡ.ଭକ୍ତକବି ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉପଜିଲାପାଳ ନିରଞ୍ଜନ ବେହେରା, ଜିଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ପଣ୍ଡା, କେନ୍ଦ୍ରାପଡ଼ା ଏସ୍‌ଡିପିଓ ଜୟନ୍ତ ମହାପାତ୍ର, ବିଡ଼ିଓ ନମିତା ବାରିକଙ୍କ ସମେତ ବହୁ ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ ସଙ୍ଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ତେବେ ଚଳିତ ବର୍ଷ ଏହି ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅଗ୍ରାଧିକାର ଦିଆଯିବା ସହ ଓର୍‌ମାସ ପକ୍ଷରୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ଦ୍ୱାରା ହାତତିଆରି ଘରକରଣା ସାମଗ୍ରୀର ଷ୍ଟଲ ଖୋଲାଯିବା ପାଇଁ ବୈଠକରେ ଉପସ୍ଥିତ ଥିବା ଓରମାସର ଜିଲା ଅଧିକାରୀ ନିରୋଦ କୁମାର ଜେନା ସୂଚନା ଦେଇଥିଲେ। ସେହିପରି ବୈଠକରେ ଉପସ୍ଥିତ ଥିବା ବିଭିନ୍ନ ବିଭାଗର ଅଧିକାରୀମାନେ ମହୋତ୍ସବ ପାଇଁ ସେମାନଙ୍କ ବିଭାଗ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯିବ ବୋଲି ଆଲୋଚନାରେ ପ୍ରତିଶ୍ରୁତି ରଖିଥିଲେ। ତେବେ ସରକାରୀ ନିୟମ ଅନୁଯାୟୀ ମହୋତ୍ସବରେ ବାଣଫୁଟାଇବା ଉପରେ କଟକଣା ସମେତ ସରକାରୀ ନୀତିନିୟମକୁ କଡ଼ାକଡ଼ି ପାଳନ କରାଯିବା ପାଇଁ ଉପଜିଲାପାଳ ବେହେରା ପରାମର୍ଶ ଦେଇଥିଲେ।

### ହଂସୁଆ ସେତୁରୁ ନଦୀକୁ ଅଜଣା ବ୍ୟକ୍ତିଙ୍କ ଡେଇଁବା ନେଇ ଚର୍ଚ୍ଚା

ରାଜନଗର,୧୮।୧୨(ଡି.ଏନ.ଏ.)

ରାଜନଗର ହଂସୁଆ ସେତୁ ଉପରୁ ଜଣେ ଅଜଣା ବ୍ୟକ୍ତି ନଦୀକୁ ଡେଇଁବା ଖବରକୁ ନେଇ ସାରାଦିନ ରାଜନଗର ଅଞ୍ଚଳରେ ଚର୍ଚ୍ଚା ଲାଗି ରହିଥିଲା। ଏହି ଖବର ପ୍ରଚାରିତ ହେବା ପରେ ରାଜନଗର ଥାନା ଏବଂ ଅଗ୍ନିଶମ ବିଭାଗ ପକ୍ଷରୁ ମିଳିତ ଭାବେ ନଦୀରେ ବୋଟ ଦ୍ୱାରା ଦୀର୍ଘ ସମୟ ଧରି ଖୋଜାଖୋଜି କରିଥିଲେ। ଖବର ଲେଖାହେବା ପର୍ଯ୍ୟନ୍ତ କିଏ, କେଉଁଠି, କେଉଁ ଉଦ୍ଦେଶ୍ୟରେ ନଦୀକୁ ଡେଇଁଛନ୍ତି ଏହାର କୌଣସି ତଥ୍ୟ ସଂଗ୍ରହ ହୋଇପାରିନାହିଁ। ଏହି ଖବର ପ୍ରଚାରିତ ହେବା ପରେ ଶତାଧିକ ଦେଖଣାହାରୀ ରୁଣ୍ଡ ହୋଇଥିଲେ। ଅପରପକ୍ଷରେ ହଂସୁଆ ସେତୁ ଉପରେ ଚପଲ ହଳେ ଥିବାରୁ ଲୋକଙ୍କ ସନ୍ଦେହ ଅଧିକ ଘନୀଭୂତ ହୋଇଥିଲା। ଏହି ସମୟରେ ଏକ କୁମ୍ଭୀର ପୋଲ ତଳେ ଭାସୁଥିଲା। କେହିକେହି ନଦୀକୁ ଡେଇଁ ପଡିଥିବା ଅଜଣା ବ୍ୟକ୍ତିଙ୍କୁ କୁମ୍ଭୀର ଖାଇ ଦେଇଥିବା ନେଇ ଆଶଙ୍କା କରିଥିଲେ। ପୂର୍ବାହ୍ନ ୧୧ଟାଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଥିଲା। ଏ ସମ୍ପର୍କରେ ରାଜନଗର ଥାନା ସବ୍‌ଇନ୍‌ସପେକ୍ଟର ବିଭୂ ପ୍ରସାଦ ରାଉତଙ୍କୁ ପଚାରିବାରୁ ଖବରପାଇ ନଦୀ ଭିତରେ ଖୋଜାଖୋଜି କରିଥିଲେ ମଧ କାହାର ପତ୍ତା ମିଳି ନ ଥିଲା। ଘଟଣା ଗୁଜବ କି ସତ୍ୟତା ରହିଛି, ତାହା ପରବର୍ତ୍ତୀ ସମୟରେ ଜଣାପଡିବ।

# ନଦୀ କିସମରେ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ

ପଟ୍ଟାମୁଣ୍ଡାଇ,୧୮।୧୨(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳ ଦେଇ ଅନାଦିକାଳରୁ ପ୍ରବାହିତ ହୋଇଆସୁଛି ଚିରସ୍ରୋତା ବ୍ରାହ୍ମଣୀ ନଦୀ। ଏହି ବ୍ରାହ୍ମଣୀ ନଦୀ ପଟ୍ଟାମୁଣ୍ଡାଇ ବଜାର ପାଖ ଦେଇ ନରସିଂହପୁର ହୋଇ ଗଣ୍ଡାକିଆ ପାଖ ଗୋବରୀ ନଦୀରେ ମିଶିଥିଲା। ଫଳରେ ପଟ୍ଟାମୁଣ୍ଡାଇ, ମହାକାଳପଡା ଓ କେନ୍ଦ୍ରାପଡ଼ା ବ୍ଲକର ଅଧିକାଂଶ ଚାଷୀ ନଦୀ ଉପରେ ନିର୍ଭର କରି କୃଷିକାର୍ଯ୍ୟ କରୁଥିଲେ। ଏହି ନଦୀ ଦେଇ ନୌବାଣିଜ୍ୟ ମଧ ହେଉଥିଲା। ମାତ୍ର ଦଶହଜାରି କେନାଲ ବନ୍ଦ ହେବା ପରେ ବ୍ରାହ୍ମଣୀ-ଗୋବରୀ ନଦୀର ସଂଯୋଗ ପଥ ବନ୍ଦ ହୋଇରହିଗଲା। ଫଳରେ ଏହା ପୋତାନଦୀରେ ପରିଣତ ହୋଇଗଲା। ଦିନକୁ ଦିନ ଜନସଂଖ୍ୟା ବୃଦ୍ଧି ଏବଂ ନିମ୍ନ ମାନସିକତା ଯୋଗୁ ଏହି ପୋତାନଦୀ ଜବରଦଖଲକାରୀଙ୍କ କବ୍‌ଜାକୁ ଚାଲିଯାଇଛି। ଏବେ ପ୍ରଶାସନ ନଦୀ କିସମ ଥାଇ ମଧ ନଦୀ ପୋତି ଏକ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ କରୁଛି। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।



ଇନ୍‌ଡୋର ଷ୍ଟାଡିୟମ୍ ନିର୍ମାଣ ଚାଲିଛି।

**ବାଧା ପାଇବ କୃଷି କାର୍ଯ୍ୟ**

ଆଇନଜୀବୀ ପ୍ରମୋଦ ସାହୁ କହିଛନ୍ତି, ସରକାରଙ୍କ ଦୀର୍ଘ ମିଆଦି ଯୋଜନା ଅନୁସାରେ ନଦୀ ସଂଯୋଗୀକରଣ ଓ ସଂସ୍କାର ପାଇଁ କୋଟି କୋଟି ଟଙ୍କା ବ୍ୟୟ ହେଉଛି। ମାତ୍ର ପଟ୍ଟାମୁଣ୍ଡାଇରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଏହି ଅଞ୍ଚଳରେ ଅନେକ ଛୋଟବଡ଼ ନଦୀ ଟାଙ୍ଗରା ଭୂଇଁରେ ପରିଣତ ହେବା ସହ ଜବରଦଖଲକାରୀଙ୍କ କବ୍‌ଜାକୁ ଚାଲିଯାଇଛି। ପଟ୍ଟାମୁଣ୍ଡାଇ ସହର ଦେଇ ଯାଇଥିବା ବ୍ରାହ୍ମଣୀର ଶାଖା ନଦୀ ସବୁ ଏବେ ଶୁଖିଲା ପଡିଛି। ବ୍ରାହ୍ମଣୀ ନଦୀରୁ ଶାଖା ବାହାରି ଗୋବରୀ ନଦୀ ସହିତ ମିଶି ମହାକାଳପଡ଼ା ବ୍ଲକ ସୀମା ଅତିକ୍ରମ କରି ସମୁଦ୍ରରେ ମିଶିଥିଲା। ଉକ୍ତ ନଦୀ ଉପରେ ପଟ୍ଟାମୁଣ୍ଡାଇ, ମହାକାଳପଡ଼ାକୁ ଛାଡି ଦେଲେ କେନ୍ଦ୍ରାପଡ଼ା ବ୍ଲକର ଅଧିକାଂଶ ଲୋକ ନିର୍ଭର କରି କୃଷି କାର୍ଯ୍ୟ କରୁଥିଲେ। ଏହି ନଦୀ ପୁନରୁଦ୍ଧାର ପାଇଁ ୨୦୧୦ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩ କୋଟି ଟଙ୍କା ବ୍ୟୟ ଅଟକଳରେ ଶିଳାନ୍ୟାସ କରିଥିଲେ। ୧୬ କି.ମି. ବ୍ୟାପୀ ଗୋବରୀର ପୁନରୁଦ୍ଧାର ପାଇଁ ଟେଣ୍ଡରରେ ଠିକା ପାଇଥିବା ଠିକାଦାର ଅଧାରୁ କାମ ଛାଡି ଚାଲିଯାଇଥିଲେ। ପ୍ରବାହିତ ଚିରସ୍ରୋତା ବ୍ରାହ୍ମଣୀ ସହିତ ଗୋବରୀକୁ ସଂଯୋଗ କରିବାକୁ ବର୍ଷ ବର୍ଷ ଧରି ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଦାବି ହୋଇଆସୁଥିଲା। ଜନସାଧାରଣଙ୍କ ଦାବି ଫଳରେ ୭ କୋଟି ବ୍ୟୟରେ ଗୋବରୀ ନଦୀ ଖନନ କାର୍ଯ୍ୟ ଆରମ୍ଭ ହୋଇ ଅଧାରୁ ବନ୍ଦ ଅଛି। ଅନ୍ୟପକ୍ଷରେ ଏହି ନଦୀ ଜମିକୁ କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ହାତେଇ ନେଇ କିସମ ପରିବର୍ତ୍ତନ କରି ସେଠାରେ କୋଠାବାଡି ନିର୍ମାଣ କରିଛନ୍ତି। ଫଳରେ ପଟ୍ଟାମୁଣ୍ଡାଇ ଅଞ୍ଚଳବାସୀ, ବୁଦ୍ଧିଜୀବୀ, ରାଜନେତା, ସାମାଜିକ କର୍ମୀମାନେ ନଦୀକୁ ଉଦ୍ଧାର କରିବାକୁ ମକଦ୍ଦମା ଆରମ୍ଭ କରିଛନ୍ତି। ଏବେ ପ୍ରଶାସନ ସେହି ଗୋବରୀ ନଦୀ ମଧ୍ୟରେ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ କରୁଛି। ନଦୀ କିସମରେ କିପରି ଷ୍ଟାଡିୟମ ନିର୍ମାଣ କାମ ଚାଲିଛି ଏ ନେଇ ସ୍ଥାନୀୟ ଲୋକେ ଦୃଢ ବିରୋଧ କରୁଛନ୍ତି। ଶିକ୍ଷାବିତ୍ ପ୍ରଫୁଲ୍ଲ ଦାଶ କହିଛନ୍ତି, ପ୍ରବାହିତ ଚିରସ୍ରୋତା ବ୍ରାହ୍ମଣୀ ସହିତ ଗୋବରୀକୁ ସଂଯୋଗ କରିବାକୁ ଦୀର୍ଘବର୍ଷ ହେଲା ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଦାବି ହୋଇଆସୁଥିଲା। ଏହାର ଗମ୍ଭୀରତା ବିଚାରକୁ ନେଇ ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପକ୍ଷରୁ କ୍ଷୀରୋଦ ମଳିକ, ଅଶୋକ କୁମାର ବଳ ଓ ଦେବାଶିଷ ପଣ୍ଡାଙ୍କ ସହ ମିଶି ଜାତୀୟ ଆଇନ ସେବା ପ୍ରାଧିକରଣ (ନାଲସା) ନିକଟରେ ଏକ ଜନସ୍ୱାର୍ଥ ସମ୍ବଳିତ ଅଭିଯୋଗ କରିଥିଲୁ। ଏହି ଅଭିଯୋଗକୁ ବିଚାର କରି କେନ୍ଦ୍ରାପଡ଼ା ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲ୍‌ଏସ୍‌ଏ) ଏ ସମ୍ପର୍କରେ ପଦକ୍ଷେପ ନେବାକୁ ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ଏବେ ସ୍ଥାନୀୟ ପୌର ପ୍ରଶାସନ ଏହି ନଦୀ ମଧରେ ଷ୍ଟାଡିୟମ ନିର୍ମାଣ ଚଳାଇଛି। ତେବେ ସ୍ଥାନୀୟ ପ୍ରଶାସନ ନଦୀ ମଧ୍ୟରେ ଷ୍ଟାଡିୟମ ନିର୍ମାଣକୁ ନେଇ ପ୍ରତୀୟମାନ ହେଉଛିଯେ, ପ୍ରଶାସନ ଗରିବ ଚାଷୀମାନଙ୍କୁ କୁଠାରାଘାତ କରି ଜବରଦଖଲକାରୀଙ୍କୁ ପରୋକ୍ଷରେ ସହଯୋଗ କରୁଛି। ଏ ନେଇ ପିଡି ରାଜେନ୍ଦ୍ର ପଣ୍ଡାଙ୍କୁ ପଚାରିବାରେ ଏପରି କିଛି ଅଭିଯୋଗ ଆସିନାହିଁ। ଯଦି ଏହା ନଦୀ କିସମ ଥାଏ ତାହା ହେଲେ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରିବି ବୋଲି ସେ କହିଛନ୍ତି।

## କୋର୍ଟ ନିର୍ଦ୍ଦେଶରେ ଥାନାରେ ରୁଜୁ ହେଲା ମାମଲା

**ଗୋଟିଏ ପରିବାରର ୪ ଜାତି ପ୍ରସଙ୍ଗ**

କେନ୍ଦ୍ରାପଡ଼ା ଅଫିସ, ୧୮।୧୨

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ତହସିଲ କାର୍ଯ୍ୟାଳୟରୁ ରାମନଗର ଅଞ୍ଚଳର ଗୋଟିଏ ପରିବାର ୧୦ ସଦସ୍ୟଙ୍କୁ ୪ ପ୍ରକାର ଜାତି ପ୍ରମାଣ ପତ୍ର ମିଳିଛି। ଏହି ପ୍ରମାଣ ପତ୍ର ଦେଇଥିବା ୩ ତହସିଲଦାର ଓ ପରିବାର ସଦସ୍ୟଙ୍କ ବିରୋଧରେ କେନ୍ଦ୍ରାପଡ଼ା ଏସ୍‌ଡିଜେଏମ୍‌ଙ୍କ ଗତ ୧୩ ତାରିଖ ନିର୍ଦ୍ଦେଶ କ୍ରମେ ନଂ. ୩୫୫/୨୨ରେ ମାମଲା ରୁଜୁ ସହ ଜମ୍ବୁ ସାମୁଦ୍ରିକ ଥାନାରେ ନଂ.୧୫୯/୨୨ରେ ଗତ ୧୬ ତାରିଖରେ ମଧ ମାମଲା ରୁଜୁ ହୋଇଛି। ଅଭିଯୋଗପତ୍ରରେ ପରିବାର ସଦସ୍ୟ ନୀଳିମା ଦେବନାଥ, ଶୁଭ୍ରାଂଶୁ ଶେଖର ଦେବନାଥ, ସୁବ୍ରତ ଦେବନାଥ, ମନୋଜ ଦେବନାଥ, ରୀତା ଦେବନାଥ, ଜ୍ୟୋତି ଦେବନାଥ, ସନ୍ତୋଷ ଦେବନାଥ, ସନ୍ନ୍ୟାସୀ ଦେବନାଥ, ଶଙ୍କର ଦେବନାଥ, ବିଶାଳ ଦେବନାଥ ସମେତ ପୂର୍ବତନ ତହସିଲଦାର ଦୋଳଗୋବିନ୍ଦ ରାଉତ, ଏନ୍. ଏନ୍. ସାହୁ ଓ ନୀଳମାଧବ ଭୋଇଙ୍କ ନାମ ଉଲ୍ଲେଖ ହୋଇଛି। ଏ ସମ୍ପର୍କରେ ଅଭିଯୋଗକାରୀ ଅମିତାଭ ଚାନ୍ଦ କହିଛନ୍ତି ଯେ, ସମ୍ପୃକ୍ତ ପରିବାର ବାଂଲାଦେଶୀ ହୋଇଥିବା ବେଳେ ମହାକାଳପଡ଼ା ତହସିଲ ରାମଚଣ୍ଡୀ ରାଜସ୍ୱ ନିରୀକ୍ଷକଙ୍କ ଅଧୀନରେ ଥିବା ଅଞ୍ଚଳରେ ରହୁଛନ୍ତି। ଏହି ପରିବାର ସ୍ଥାନୀୟ ଅଞ୍ଚଳର ଜମି କ୍ରୟ କରିବା ସମୟରେ ଜାତି ପରିଚୟରେ ଯୋଗୀ, ମାହେଶ, ପ୍ରଧାନ ଓ ନମଶୁଦ୍ର ବୋଲି ଉଲ୍ଲେଖ କରିଛନ୍ତି। ଯୋଗୀ, ମାହେଶ ଓ ପ୍ରଧାନ ଜାତି ତାଲିକାରେ ଓବିସି ଲିଷ୍ଟରେ ଥିବା ବେଳେ ନମଶୁଦ୍ର ଅନୁସୂଚିତ ଜାତି। ଏହି ପରିବାର ବିଭିନ୍ନ ଜାତି ଦର୍ଶାଇ ସରକାରୀ ସୁବିଧା ହାସଲ କରିଛନ୍ତି।

ଏ ନେଇ ଅଭିଯୋଗକାରୀ ଗୌରବର ଓ ଅମିତାଭ ଚାନ୍ଦ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ହାଇକୋର୍ଟଙ୍କ ପକ୍ଷରୁ ଏହାର ଯାଞ୍ଚ ପାଇଁ କେନ୍ଦ୍ରାଞ୍ଚଳ ଆରଡିସିଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଆରଡିସିଙ୍କ ପକ୍ଷରୁ କେନ୍ଦ୍ରାପଡ଼ା ଜିଲା ପ୍ରଶାସନକୁ ଏହାର ତଦନ୍ତ ଦାୟିତ୍ୱ ୨୦୨୦ରେ ଦିଆଯାଇଥିଲା। ତତ୍କାଳୀନ ଜିଲାପାଳ ସମର୍ଥ ବର୍ମାଙ୍କ ନିର୍ଦ୍ଦେଶରେ ମହାକାଳପଡ଼ା ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା ଓ କେନ୍ଦ୍ରାପଡ଼ା ଏସ୍‌ଡିପିଓ ରାଜୀବ ଲୋଚନ ପଣ୍ଡାଙ୍କୁ ଯୁଗ୍ମ ତଦନ୍ତ ପାଇଁ ଏକ କମିଟି ଗଠନ ହୋଇଥିଲା। ଉକ୍ତ ବର୍ଷ ନଭେମ୍ବରରେ ଏହାର ତଦନ୍ତ ହୋଇଥିଲେ ମଧ ସୁଫଳ ମିଳି ନ ଥିଲା। ଘଟଣାରେ ପୂର୍ବତନ ୩ ତହସିଲଦାର ଓ ପ୍ରଭାବଶାଳୀ ପରିବାର ସାମିଲ ହୋଇଥିବାରୁ ତଦନ୍ତ ଫଳ ପ୍ରକାଶ ପାଇବାରେ ବିଳମ୍ବିତ ହୋଇଛି। ଏଥିପାଇଁ ସେମାନେ ଏସ୍‌ଡିଜେଏମ୍ କୋର୍ଟରେ ସାହାରା ନେଇଛନ୍ତି। ପରିବାର ସଦସ୍ୟ ତଦନ୍ତର ସମ୍ମୁଖୀନ ହେଲେ ତହସିଲ ଅଞ୍ଚଳରେ ହୋଇଥିବା ବ୍ୟାପକ ଜମି ହଡପ ଓ ସରକାରୀ ସୁବିଧାର ଅପବ୍ୟବହାର ସମ୍ପର୍କରେ ରହସ୍ୟ ଖୋଲିଯିବ। କେବଳ ଜାତି ପ୍ରମାଣପତ୍ର ନୁହେଁ, ଜମି କ୍ରୟ ବେଳେ କୁଜଙ୍ଗ ରାଜାଙ୍କ ନକଲି ହାତପଞ୍ଜା ବ୍ୟବହାର ହୋଇଥିବା ସେ ଦାବି କରିଛନ୍ତି।

## ସମାଜର ପ୍ରତିଛବି ନାଟକରେ ପ୍ରତିଫଳିତ ହୁଏ




ଆଲୋଚନା ଚକ୍ରରେ ଆଲୋଚକମାନେ।

କେନ୍ଦ୍ରାପଡ଼ା ଅଫସ, ୧୮।୧୨

ମ୍ୟାଲେରିଆ ନିରାକରଣ ପାଇଁ ଚଳଚ୍ଚିତ୍ର ଦମନକୁ ସବୁବର୍ଗରେ ସ୍ୱାଗତ କରାଯାଉଛି। କେବଳ ଏହି ଚଳଚ୍ଚିତ୍ର ନୁହେଁ, ବିଭିନ୍ନ ନାଟକରେ ସମାଜର ପ୍ରତିଛବି ପ୍ରତିଫଳିତ କରାଯାଇ ସାହିତ୍ୟ ଓ ସଂସ୍କୃତିକୁ ରକ୍ଷା କରାଯାଉଛି। ଆଦି ନାଟ୍ୟକାର ଜଗନ ମୋହନ ଲାଲଙ୍କ ସ୍ମୃତିରେ ଓଡ଼ିଶା ନାଟ୍ୟ ସଂଘ ଓ ତୁଳସୀ କଲଚରାଲ ଆସୋସିଏଶନ ମିଳିତ ସହଯୋଗରେ ଆୟୋଜିତ ଆଲୋଚନାଚକ୍ରରେ ଆଲୋଚକମାନେ ଏପରି ମତ ରଖିଛନ୍ତି। ସହରର ବିନୋଦ ବିହାରୀ ଜୀଉ ମନ୍ଦିର ସଭାଗୃହରେ ଆମ ନାଟକରେ ସାମ୍ପ୍ରତିକ ସମାଜ ଶୀର୍ଷକ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଥିଲା। ଆସୋସିଏଶନ ଉପସଭାପତି ରବୀନ୍ଦ୍ରନାଥ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଶିକ୍ଷାବିତ ଇଂ. ଜ୍ଞାନରଞ୍ଜନ ନାୟକ, ଡ. ପ୍ରଦୀପ୍ତ ରାଉତରାୟ, ସରୋଜ କୁମାର ମହାନ୍ତି, ଅକ୍ଷୟ ସେନାପତି, ସଞ୍ଜୁକ୍ତା ଦାସ, ଅଶୋକ କୁମାର ସାହୁ, ହାଡିବନ୍ଧୁ ସିଂ, ଐଶ୍ୱର୍ଯ୍ୟ ରଞ୍ଜନ ଜେନା, ରାଜକିଶୋର ପତ୍ରୀ, ଇତିଶ୍ରୀ ଦାସ, ଐଶ୍ୱର୍ଯ୍ୟା ଦାସ, ପ୍ରତୀକ ଅନୁରାଗ ଦାଶ, ଉମାକାନ୍ତ ଜେନା ଆଲୋଚକ ଭାବେ ଯୋଗ ଦେଇଥିଲେ। ସେମାନେ ଦର୍ଶାଇଥିଲେ ଯେ ନାଟକ ହେଉଛି ସର୍ବୋତ୍କୃଷ୍ଟ କଳା। ଏହା ମାଧ୍ୟମରେ ସମାଜରେ ପରିବର୍ତ୍ତନ ଆସିବା ଏକ ନୂଆ କଥା ନୁହେଁ। ସୁସ୍ଥ ସମାଜ ଗଠନରେ ସହାୟକ ହେଉଥିବା ନାଟକ ସାମ୍ପ୍ରତିକ ସମୟରେ ବ୍ୟବସାୟିକ ରୂପରେଖ ନେଇଛି। କଳା ମାଧ୍ୟମରେ ଉପାର୍ଜନ ଖୋଜିବା ଅର୍ଥ ଅପସଂସ୍କୃତିକୁ ପ୍ରୋତ୍ସାହନ ଦେବା ପରି। କଳାର ପ୍ରକୃତ ପୂଜାରୀ ଏହାକୁ ସମର୍ଥନ କରନ୍ତି ନାହିଁ। ଆଦି ନାଟ୍ୟକାର ଜଗନ ମୋହନଙ୍କ ଲେଖନୀ ନିଃସୃତ ପ୍ରତ୍ୟେକ ନାଟକରେ ଏହା ଦର୍ଶାଯାଇଛି। ଏହି ଆଲୋଚନା ଚକ୍ରରେ ବହୁ ନାଟ୍ୟପ୍ରେମୀ ଯୋଗ ଦେଇଥଲେ।

## ଶ୍ରମିକଙ୍କ ସ୍ୱାର୍ଥରେ ବାଧକ ଶ୍ରମ ବିଭାଗ




ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ।

କେନ୍ଦ୍ରାପଡା ଅଫସ, ୧୮।୧୨

ଶ୍ରମିକଙ୍କ ସ୍ୱାର୍ଥ ପ୍ରତି ଶ୍ରମ ବିଭାଗ କାର୍ଯ୍ୟ କରୁନାହିଁ। ଯୋଜନା ଅର୍ଥକୁ ବିଭିନ୍ନ ଉପାୟରେ ହେଉଥିବା ଖର୍ଚ୍ଚରେ ଅନିୟମିତତା ଅଛି। ଏପରି ଅଭିଯୋଗ ଆଣି ପୂର୍ବ ଓଡ଼ିଶା ନିର୍ମାଣ ସଂଘ ପକ୍ଷରୁ ତିନିମୁହାଣିସ୍ଥିତ ଏକ କଲ୍ୟାଣ ମଣ୍ଡପରେ ଖବରଦାତା ସମ୍ମିଳନୀ ଶନିବାର ଆୟୋଜିତ ହୋଇଯାଇଛି। ସଂଘ ରାଜ୍ୟ ସଭାପତି ଚିତ୍ତରଞ୍ଜନ ତରାଇ, ସାଧାରଣ ସମ୍ପାଦକ ସୌମ୍ୟରଞ୍ଜନ ଧଳ, ମହିଳା ସଭାନେତ୍ରୀ ପ୍ରମିଳା ସାମଲ, ଜିଲା ସଭାପତି ନିରଞ୍ଜନ ପରିଡା, ଉପସଭାନେତ୍ରୀ ଝିଲି ଦାସ, ମହେଶ୍ୱରେ ଗୋଛାୟତ, ରଘୁନାଥ ସେଠୀ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ସେମାନେ ସୂଚନା ଦେଇଥିଲେ ଯେ, ବହୁ ସଂଖ୍ୟକ ନିର୍ମାଣ ଶ୍ରମିକଙ୍କ କାର୍ଡ ଅନୁମୋଦନରେ ଚଞ୍ଚକତା କରାଯାଇଛି। ତଦନ୍ତ ହୋଇ ନ ଥିଲେ ମଧ ଅଣସଂଗଠିତ କାର୍ଡର ଅନୁମୋଦନ କରାଯାଇଛି। ସେହିପରି ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କ ୬୦ ବର୍ଷ ଭିତରେ ମୃତ୍ୟୁ ହେଲେ ତାଙ୍କର ଉତ୍ତରାଧିକାରୀଙ୍କୁ ସରକାରୀ ସହାୟତା ପ୍ରଦାନ କରାଯିବାକୁ ନିୟମ ଅଛି। ମାତ୍ର ଜଣେ ବ୍ୟକ୍ତିଙ୍କ ୬୨ ବର୍ଷରେ ମୃତ୍ୟୁରେ ଅନିୟମିତତା କରାଯାଇ ସରକାରୀ ସହାୟତା ପ୍ରଦାନ କରାଯାଇଛି। ଅନ୍ୟ ଜଣେ ଶ୍ରମିକଙ୍କ ସ୍ୱାଭାବିକ ଭାବେ ମୃତ୍ୟୁକୁ ଦୁର୍ଘଟଣା ଜନିତ ଦର୍ଶାଇ ନୋମିନିଙ୍କୁ ୪ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ତେବେ ଏ କ୍ଷେତ୍ରରେ ପ୍ରଦାନ କରାଯାଇଥିବା ଠିକଣାରେ ସେଭଳି କୌଣସି ଲୋକ ନାହାନ୍ତି। ଗତ ଜୁନ ମାସରୁ ମୃତ୍ୟୁକାଳୀନ ସହାୟତା ୧୫୩ ଜଣଙ୍କୁ ପ୍ରଦାନ କରାଯାଇଥିବା ରେକର୍ଡ ସତ୍ତ୍ୱେ ପରିବାର ସଦସ୍ୟଙ୍କୁ ଶୁଦ୍ଧିକ୍ରିୟା ପାଇଁ ୫ ହଜାର ଟଙ୍କା ମଧ ଦିଆଯାଇନାହିଁ। ଏପରି ପ୍ରାୟ ୧୫ଟି ଅଭିଯୋଗ ସମ୍ପର୍କରେ କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି।

### ବିଶ୍ୱଶାନ୍ତି ବ୍ରହ୍ମ ଏକାକ୍ଷର ମହାଯଜ୍ଞ

ବିରିଡି/ବାଲିଆ,୧୮।୧୨ (ଡି.ଏନ.ଏ./ସ୍ୱ.ପ୍ର.)

ବିରିଡି ବ୍ଲକ ଅଡ଼ଙ୍ଗ ନାଇଲୋସ୍ଥିତ ମହାପୁରୁଷ ଯଶୋବନ୍ତଙ୍କ ପୀଠରେ ଶନିବାରଠାରୁ ଚାଲିଥିବା ବିଶ୍ୱଶାନ୍ତି ବ୍ରହ୍ମ ଏକାକ୍ଷର ମହାଯଜ୍ଞର ରବିବାର ପୂର୍ଣ୍ଣାହୁତି ହୋଇଛି। ଛଟିଆ ଶୋଲରସ୍ଥିତ ଉଦାସ ଆଶ୍ରମ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଆଶ୍ରମର ପୀଠାଧୀଶ ସ୍ୱାମୀ ଯଜ୍ଞେଶ୍ୱରା ନନ୍ଦ ମହାରାଜ ପୌରୋହିତ୍ୟ କରିଥିଲେ। ସକାଳେ ବେନୁ ବାବା ମଠ ଛକଠାରୁ ଗୁରୁଦେବ ଓ ଠାକୁରଙ୍କ ବିଗ୍ରହକୁ ଶୋଭାଯାତ୍ରାରେ ପୀଠକୁ ନିଆଯାଇଥିଲା। ଯଜ୍ଞ ମଣ୍ଡପରେ ଠାକୁରଙ୍କ ଓ ମହାପୁରୁଷଙ୍କ ପୂଜା ପରେ ଯଜ୍ଞାହୁତି ପ୍ରଦାନ କରାଯାଇଥିଲା। ଭକ୍ତମାନଙ୍କ ଦ୍ୱାରା ଗୁରୁପୂଜା ପରେ ସତ୍‌ସଙ୍ଗ ହୋଇଥିଲା। ପଣ୍ଡିତ ନୀଳମଣି ପଣ୍ଡା, ସର୍ବେଶ୍ୱର ରଥ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ ଏଥିରେ ଯୋଗ ଦେଇ ବାବାଙ୍କଠାରୁ ଆଶୀର୍ବାଦ ନେଇଥିଲେ। ଆଶ୍ରମ ସେବକ ସତ୍ୟରଞ୍ଜନ ଦାସ, ଗ୍ରାମବାସୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଗଣପତି ବିଦ୍ୟାମନ୍ଦିର ବାର୍ଷିକ କ୍ରୀଡ଼ା ଉତ୍ସବ

ପାରାଦୀପ,୧୮।୧୨(ସ୍ୱ.ପ୍ର.)

ପାରାଦୀପ ବାଲିଝରାଠାରେ ଥିବା ଗଣପତି ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ୨ ଦିନିଆ ବାର୍ଷିକ କ୍ରୀଡ଼ା ଉତ୍ସବ ରବିବାର ସନ୍ଧ୍ୟାରେ ଶେଷ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ତରାଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଇଫ୍‌କୋର ମାନବସମ୍ବଳ ଅଧିକାରୀ ବିଜୟ କୁମାର ପରିଡା ଉଦ୍‌ଘାଟନ କରିଥିଲେ। ଜନସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ମ୍ୟାଚ ଶେଷରେ ପିପିଏଲ ମାନବସମ୍ବଳ ଅଧିକାରୀ ଜଗନ୍ନାଥ ଖୁଣ୍ଟିଆ ଓ ସ୍ଥାନୀୟ କାଉନ୍‌ସିଲର ସ୍ୱପ୍ନାରାଣୀ ଜେନା ଅତିଥିଭାବେ ଯୋଗଦେଇ କୃତୀ କ୍ରୀଡ଼ାବିତଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଶିକ୍ଷକ ମାନେ ପରିଚାଳନା କରିଥିଲେ।

## ଗୋଚର ଜମିରେ ମିଶନ ଶକ୍ତି ଗୃହ ନିର୍ମାଣକୁ ବିରୋଧ

ଆଳି,୧୮।୧୨(ଡି.ଏନ.ଏ.)

ଗୋଚର ଜମି ଉପରେ ସ୍ଥାୟୀ ଗୃହ ନିର୍ମାଣ କରିବାର କୌଣସି ନିୟମ ନ ଥିବା ବେଳେ ଆଳି ବ୍ଲକ ଅନ୍ତର୍ଗତ କୋଳିଡିହ ଗାଁରେ ଏପରି ଏକ ସ୍ଥାୟୀ ଗୃହ ନିର୍ମାଣକୁ ଗ୍ରାମବାସୀ ଘୋର ବିରୋଧ କରିଛନ୍ତି। କୋଳିଡିହ ପଞ୍ଚାୟତ ପକ୍ଷରୁ ଏହି ଗୃହ ନିର୍ମାଣ କରାଯାଉଥିବା ଗ୍ରାମବାସୀ ଆଳି ବିଡିଓଙ୍କ ନିକଟରେ ଏହାକୁ ବନ୍ଦ କରିବା ପାଇଁ ଅଭିଯୋଗ କରିଛନ୍ତି। କୋଳିଡିହ ଗ୍ରାମବାସୀ କରିଥିବା ଅଭିଯୋଗ ଅନୁଯାୟୀ, ଗ୍ରାମର ୯୪ ଡିସିମିଲ ଗୋଚର ଜମି ଉପରେ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ ଗ୍ରାମବାସୀଙ୍କ ଅଗୋଚରରେ ୫ ଲକ୍ଷ ଟଙ୍କା ବ୍ୟୟରେ ଏକ ମିଶନ ଶକ୍ତି ଗୃହ ନିର୍ମାଣ ଆରମ୍ଭ କରିଛନ୍ତି।

ଏହି ଗୋଚର ଜମିରେ ସେମାନଙ୍କ ଗାଈ, ମଇଁଷି ଆଦି ଚରିବା ପାଇଁ ନିର୍ଭର କରିଥାନ୍ତି। ଯଦି ଏହା ଉପରେ ଏହି ଗୃହ ନିର୍ମାଣ ହେବ ତେବେ ସେମାନଙ୍କ ଗୃହପାଳିତ ପ୍ରାଣୀ ଚରିବାରେ ଅସୁବିଧା ହେବ। ଏହାଛଡା ଏହି ଜମି ଖାତା ନଂ. ୨୧୮, ପ୍ଲଟ ନଂ. ୫୨୫ ଉପରେ ଓ ଏହାର ନିକଟରେ ଥିବା ପ୍ଲଟର ସଂଶୋଧନ ପାଇଁ ରେଭିନ୍ୟୁ କମିଶନରଙ୍କ ଅଦାଲତରେ ଏକ କେସ୍ ମଧ ବିଚାରାଧୀନ ଅଛି। ତେଣୁ ଏପରି କ୍ଷେତ୍ରରେ ଏହି ନିର୍ମାଣ ସମ୍ପୂର୍ଣ୍ଣ ବେଆଇନ। ଏହାକୁ ବନ୍ଦ କରିବାକୁ ଗ୍ରାମର ଲମ୍ବୋଦର ଧଳ, ଶରତ ଧଳ, ଦେବୀ ପ୍ରସାଦ ଧଳ, ପ୍ରଶାନ୍ତ ଧଳ, ଶରତ ମହାନ୍ତି, ଉଷାରାଣୀ ସାହୁ ପ୍ରମୁଖ ଦୃଢ଼ ଦାବି କରିଛନ୍ତି। ଏ ସମ୍ପର୍କରେ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଦୁର୍ଯ୍ୟୋଧନ ନାୟକଙ୍କୁ ପଚାରିବାରୁ ସେ ପ୍ରକଳ୍ପ ସମ୍ପର୍କରେ ଜାଣି ନ ଥିବା କହିଥିଲେ। ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ସୌମ୍ୟ ରଞ୍ଜନ ସାହୁଙ୍କୁ ଯୋଗାଯୋଗ କରିବାରୁ ତାଙ୍କ ଫୋନ ସୁଇଚ ଅଫ ଦେଖାଇଥିଲା। ବିଡିଓ ଦ୍ୱିବେନ୍ଦୁ ଦାସଙ୍କୁ ପଚାରିବାରୁ ଏ ନେଇ ଅଭିଯୋଗ ଆସିଛି। ଏହାର ତଦନ୍ତ କରୁଛନ୍ତି ବୋଲି ସେ କହିଛନ୍ତି।



## ଛିଣ୍ଡା ପଲିଥିନ ତଳେ ବିତୁଛି ଜୀବନ

ମହାକାଳପଡ଼ା,୧୮।୧୨ (ଡି.ଏନ୍.ଏ.)

ଅନୁସୂଚିତ ଜନଜାତିର ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଜନକଲ୍ୟାଣ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାକୁ ସେମାନଙ୍କ ଜୀବନୀ ଶୈଳୀର ପରିବର୍ତ୍ତନ ଆଣିବା ପାଇଁ ସରକାର ଅର୍ଥ ବ୍ୟୟ କରୁଛନ୍ତି। ହେଲେ ତୃଣମୂଳ ସ୍ତରରେ ଜନଜାତିଙ୍କ ପାଇଁ ସରକାରଙ୍କ ଯୋଜନା ସତେ ଯେମିତି ଅଟକି ଯାଇଛି। ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ପେଟଛେଲା ପଞ୍ଚାୟତ ଶବରପଡ଼ା ଗାଁର ଶାନ୍ତି ଆହାଡି (୪୨)ଙ୍କ କ୍ଷେତ୍ରରେ। ସ୍ୱାମୀ ଗୁନାଙ୍କ ମୃତ୍ୟୁ ପରେ ଶାନ୍ତିଙ୍କ ମୁଣ୍ଡରେ ପଡ଼ିଛି ଚଡ଼କ। ସରକାରୀ ଜମିରେ ଦୀର୍ଘବର୍ଷ ହେବ ବସବାସ କରୁଛନ୍ତି। ସ୍ୱାମୀଙ୍କ ମୃତ୍ୟୁ ପରେ ବିଧବା ଭତ୍ତା ମିଳିଥିଲେ ମଧ ତାହା ପରିବାର ଚଳାଇବା ସମ୍ଭବ ନୁହେଁ ବୋଲି ସେ କହିଛନ୍ତି। ଅପରପକ୍ଷରେ ପେଟ ଚାଖଣ୍ଡେ ପାଇଁ ଶାନ୍ତିଙ୍କ ୭ବର୍ଷର ଶିଶୁ ପୁତ୍ରକୁ ସାଙ୍ଗରେ ଧରି ଏ ଦୁଆର ସେ ଦୁଆର ଘୁରି ବୁଲୁଛନ୍ତି। ମାଗିଯାଚି ଯାହା ମିଳେ ମା' ପୁଅ ଖାଇଥାନ୍ତି। ନ ମିଳିଲେ ଭୋକ ଉପାସରେ ପାଣି ପିଇ ରହିବାକୁ ପଡେ ବୋଲି ସେ କହିଛନ୍ତି। ବ୍ଲକରେ ଅନେକ ପ୍ରଭାବଶାଳୀ ବ୍ୟକ୍ତି ଚଞ୍ଚକତା କରି ଖାଦ୍ୟ ସୁରକ୍ଷା ଓ ପକ୍କା ଘର ଯୋଜନାରେ ନିଜ ନାମ ପଞ୍ଜୀକୃତ କରି ସରକାରୀ ଯୋଜନାର ଫାଇଦା ଉଠାଇଥିବା ବେଳେ ଶାନ୍ତିଙ୍କ ପାଇଁ ସାତସପନ ପାଲଟିଛି। ବର୍ଷା ହେଉକି ବତାସ ସଞ୍ଜ ନଇଁଲେ ଆଶ୍ରା ଖୋଜନ୍ତି ଶାନ୍ତି କେଉଁଟି ଟିକେ ମୁଣ୍ଡ ଗୁଞ୍ଜିବାକୁ। ଅର୍ଥ ଅଭାବରୁ ପୁତ୍ର ରାଜେଶ ବିଦ୍ୟାଳୟ ମାଟି ମାଡ଼ି ପାରିନାହାନ୍ତି। ଶୀତ ବସ୍ତ୍ର ନ ଥିବାରୁ ଏହି ପରିବାର ଅଖା ଘୋଡ଼େଇ ହୋଇ ରାତି କାଟୁଛନ୍ତି। ଏହି ପରିବାରକୁ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ ଓ ଖାଦ୍ୟ ସୁରକ୍ଷା ଯୋଜନାର ରାଶନ ସାମଗ୍ରୀ ଯୋଗାଇ ଦେବା ସହ ବସୁନ୍ଧରା ଯୋଜନାରେ ଘର ଡିହ ପଟ୍ଟା ଯୋଗାଇ ଦେବାକୁ ସାମାଜିକ କର୍ମୀ ସୁବାସ ସ୍ୱାଇଁ ଦାବି କରିଛନ୍ତି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଜିଲାପାଳ ଅମୃତ ଋତୁରାଜଙ୍କୁ ପଚାରିବାରେ ଏହି ପରିବାର ସମ୍ପର୍କରେ ତଦନ୍ତ କରାଯିବା ପରେ ସରକାରୀ ଯୋଜନାରେ ସାମିଲ କରାଯିବ ବୋଲି କହିଛନ୍ତି।



ଶବରପଡ଼ା ଗାଁର ଅସହାୟ ଶାନ୍ତିଙ୍କ ପରିବାର।

## ଅନ୍‌ଲାଇନରେ ଅନୁବାଦକଙ୍କ ଜାତୀୟ ସମ୍ମିଳନୀ

### ଅନୁଭବରେ ଅନୁବାଦକ ଶୀର୍ଷକ ଆଲୋଚନା ଚକ୍ର

**ନୟାଗଡ଼ ଅଫିସ,୧୮।୧୨:** ଭାରତୀୟ ଅନୁବାଦ ସାହିତ୍ୟ ତରଫରୁ ୧୨ତମ ଜାତୀୟ ଅନୁବାଦକ ସମ୍ମିଳନୀ ଅନଲାଇନ୍ ମାଧ୍ୟମରେ ଶନିବାର ଅନୁଷ୍ଠିତ ହୋଇଯାଇଅଛିୟ ଏହି କାର୍ଯ୍ୟକ୍ରମରେ ଅନୂଦିତ ବହୁଭାଷୀ କାବ୍ୟପାଠ ସହ ଅନୁଭବରେ ଅନୁବାଦକ ଶୀର୍ଷକ ଆଲୋଚନାଚକ୍ର ଭାରତର ବିଭିନ୍ନ ରାଜ୍ୟର ଅନୁବାଦକମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିଲାୟ ଭାରତୀୟ ଅନୁବାଦ ସାହିତ୍ୟର ସଂଯୋଜକ ଶରତ ଚନ୍ଦ୍ର ଆଚାର୍ଯ୍ୟ ସମସ୍ତ ଅନୁବାଦକ ମାନଙ୍କୁ ସ୍ୱାଗତ କରିଥିଲେୟ କାର୍ଯ୍ୟକ୍ରମରେ ମଞ୍ଜୁଶର୍ମା ମହାପାତ୍ର, ହସିନ ସୁଲତାନ୍,ଅନିମା ଦାସ, ସ୍ୱପ୍ନଲତା ବେହେରା , ଅଞ୍ଜୁମନ ଆରା ବହୁଭାଷୀ ଅନୂଦିତ କାବ୍ୟପାଠ କରିଥିଲେୟ ଅନୁଭବରେ ଅନୁବାଦକ କାର୍ଯ୍ୟକ୍ରମରେ ଶୀଲା ବାନୁ ଙ୍କ ସହ ଅନୁବାଦ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ ନମିତା ଲକ୍ଷ୍ମୀ ଜଗଦେବୟ ଜାତୀୟ ଅନୁବାଦକ ସମ୍ମିଳନୀରେ ଆସାମ, ତାମିଲନାଡୁ,ଗୁଜୁରାଟ, ପଶ୍ଚିମ ବଙ୍ଗ, ଓଡ଼ିଶା, ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ,କେରଳ ଆଦି ବିଭିନ୍ନ ରାଜ୍ୟର ଅନୁବାଦକଙ୍କ ସହ ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇଥିଲେ।

## ମାଘମେଳା ପଡ଼ିଆ ସୁରକ୍ଷା ଅଭିଯାନ: ଆଜି ବଜାର ବନ୍ଦ

**ଖଣ୍ଡପଡା,୧୮।୧୨(ସ୍ୱ.ପ୍ର.)**

ଜଗନ୍ନାଥ ସଂସ୍କୃତିର ଆଦିପୀଠ ଭାବେ କଣ୍ଟିଲୋର ଶ୍ରୀନୀଳମାଧବ ପୀଠ ସର୍ବଜନ ବିଦିତ। ତେବେ ଶ୍ରୀନୀଳମାଧବ ଜୀଉଙ୍କ ପାରମ୍ପରିକ ଭୌମୀ ଏକାଦଶୀ ଯାତ୍ରା (ମାଘ ମେଳା) ପାଇଁ ଉଦ୍ଦିଷ୍ଟ ମାଘ ମେଳା ପଡିଆକୁ ଶ୍ରୀଜୀଉଙ୍କ ଉନ୍ନତି ଆଳରେ ଦେବୋତ୍ତର ବିଭାଗ ବିକ୍ରି କରିବାକୁ ମସୁଧା କରୁଥିବା ଜଣାପଡିବା ପରେ ସାଧାରଣରେ ପ୍ରତିକ୍ରିୟା ସୃଷ୍ଟି ହୋଇଛି। ମାଘ ମେଳା ପଡିଆର ସୁରକ୍ଷା ନିମନ୍ତେ ଗ୍ରାମର କେତେଜଣ ବୁଦ୍ଧିଜୀବୀ ଏବଂ ସଚେତନ ନାଗରିକ, ମାଘମେଳା ସୁରକ୍ଷା କମିଟି ପକ୍ଷରୁ ରବିବାର ଏକ ସଚେତନ ରାଲି କରି କଣ୍ଟିଲୋ ପଞ୍ଚାୟତର ୨୫ଟି ୱାର୍ଡ ବୁଲି ଜନସାଧାରଣଙ୍କୁ ସାକ୍ଷାତ କରି ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ଏଥି ପାଇଁ ସୋମବାର ଏକ ଗ୍ରାମସଭା ମାଧ୍ୟମରେ ଘଟଣା ସମ୍ପର୍କରେ ଆଲୋଚନା ପ୍ରର୍ଯ୍ୟାଲୋଚନା କରିବାକୁ ଆହ୍ୱାନ ଦେଇଛନ୍ତି।

ସୂଚନାଯୋଗ୍ୟ, କେଉଁ ଆବହମାନ କାଳରୁ ଚାଲି ଆସୁଥିବା ଶ୍ରୀନୀଳମାଧବ ଜୀଉଙ୍କ ପାରମ୍ପରିକ ମାଘମେଳା ପଡିଆକୁ ବିକ୍ରି କରି ଦେବାକୁ ଖଣ୍ଡପଡ଼ା ଦେବୋତ୍ତର ବିଭାଗ ମସୁଧା କରୁଥିବା ବିଶେଷ ସୂତ୍ରରୁ ଜଣାପଡିଥିଲା। ପରେ କଣ୍ଟିଲୋ ଗ୍ରାମବାସୀଙ୍କ ସମେତ ନୀଳମାଧବ ପ୍ରେମୀ ଶ୍ରଦ୍ଧାଳୁ ଓ ଆଖପାଖ ଅଞ୍ଚଳର ୭ଟି ପଞ୍ଚାୟତର ଜନସାଧାରଣ ପ୍ରତିବାଦର ସ୍ୱର ଉଠାଇ ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ଲୋଡିଥିବା ଜଣାପଡିଛି। ଏ ପରିପ୍ରେକ୍ଷୀରେ ସୋମବାର ଏ ସମ୍ପର୍କରେ ସର୍ବଶେଷ ଆଲୋଚନା ଓ ସିଦ୍ଧାନ୍ତ ଗ୍ରହଣ ପାଇଁ ସ୍ଥାନୀୟ ରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ହେବାକୁ ଥିବା ଗ୍ରାମସଭାରେ ସମସ୍ତ ଗ୍ରାମବାସୀଙ୍କ ସହ ସ୍ଥାନୀୟ ଦୋକାନ ବଜାର ବନ୍ଦ କରି ଦଳମତ ନିର୍ବିଶେଷରେ ଉପସ୍ଥିତ ରହି ସୁଚିନ୍ତିତ ମତାମତ ଦେବେ। ଏହା ପରେ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ମତବ୍ୟକ୍ତ କରିବାକୁ ନିବେଦନ କରାଯାଇଛି। ତେବେ ଏ ସମ୍ପର୍କରେ ଖଣ୍ଡପଡ଼ା ତହସିଲଦାର ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ପାର୍ଥ ସାରଥୀ ହାଁସଦାଙ୍କ ସହ ଯୋଗାଯୋଗ କରିବାରେ ବହୁ ବ୍ୟକ୍ତି ବହୁ ଚକ୍ରାନ୍ତ ଚଳାଇଛନ୍ତି। କଣ୍ଟିଲୋ ଏରିଆ ଓ ମନ୍ଦିର ଡ଼େଭେଲପମେଣ୍ଟ କାର୍ଯ୍ୟକ୍ରମ ଚାଲିଛି। ବିସ୍ଥାପିତମାନଙ୍କୁ ଥଇଥାନ କରିବା ପାଇଁ କାଳି ମନ୍ଦିର ନିକଟ ମାଘମେଳା ପଡିଆର କିଛି ଅଂଶକୁ ପ୍ରଦାନ କରିବାର ଅପଶନ ରହିଥିଲେ ମଧ୍ୟ ତାହା କିନ୍ତୁ ଫାଇନାଲ ହୋଇନାହିଁ ବୋଲିସେ କହିଛନ୍ତି। ଯଦି ପରବର୍ତ୍ତୀ ସମୟରେ ମାଘମେଳା ପଡିଆକୁ ବିକ୍ରି କରିବା ନିମନ୍ତେ ବିଭାଗୀୟ କର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ କରନ୍ତି ତେବେ ଯେଉଁ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ଜିଲା ପ୍ରଶାସନ ଓ ରାଜ୍ୟ ସରକାର ଦାୟୀ ରହିବେ ବୋଲି ମିଳିତ ମଞ୍ଚର ଉଦ୍ୟୋକ୍ତାମାନେ ମତପ୍ରକାଶ କରିଥିବା ସୂଚନା ମିଳିଛି।



ମାଘମେଳା ପଡ଼ିଆର ସୁରକ୍ଷା ଲାଗି କଣ୍ଟିଲୋ ଗ୍ରାମବାସୀଙ୍କ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

## ଜିଲା ଲେଖକ ପରିଷଦର ବାର୍ଷିକୋତ୍ସବ

**ନୟାଗଡ଼ ଅଫିସ,୧୮।୧୨**

ନୟାଗଡ଼ ଜିଲା ଲେଖକ ପରିଷଦର ୨୮ତମ ବାର୍ଷିକୋତ୍ସବ ସାଗର ପୋଖରୀ ତଟ ବୁଦ୍ଧ ମଣ୍ଡପରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଲେଖକ ପରିଷଦର ସଭାପତି ପ୍ରଧାନୀ ବୃନ୍ଦାବନ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ଅତିଥି ଭାବେ କବି ଲୋକନାଥ ମିଶ୍ର ଏବଂ ଗୋଲକ ବିହାରୀ ନାୟକ ଯୋଗ ଦେଇଥିଲେ। ସେହିପରି ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଗାଳ୍ପିକା ଅଧ୍ୟାପିକା ଚିରଶ୍ରୀ ଇନ୍ଦ୍ରସିଂ ଯୋଗ ଦେଇ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଶିଷ୍ଟ ସାହିତ୍ୟିକ ତଥା ସଙ୍ଗୀତ ବିଶାରଦ ପ୍ରାଧ୍ୟାପକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ବରିଷ୍ଠ ଶିଶୁ ସାହିତ୍ୟିକ ପ୍ରସନ୍ନ କୁମାର ହୋତା, ବରିଷ୍ଠ ନାଟ୍ୟକାର ଭଗବତୀ ଚରଣ ପଟ୍ଟନାୟକ, କବି ଅର୍ଜୁନ ବାରିକ, ଗାଳ୍ପିକା ଇନ୍ଦ୍ରସିଂ, ବ୍ୟଙ୍ଗ ବିଦୂଷକ ଆର୍ତ୍ତତ୍ରାଣ ମିଶ୍ର, ଯୁବକବି ଗୋପୀନାଥ ପରିଡ଼ା, ସୁଶ୍ରୀ ଶ୍ରଦ୍ଧାଞ୍ଜଳି ମହାନ୍ତିଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଜିଲା ଲେଖକ ପରିଷଦର ବିଶେଷାଙ୍କ 'ମୁଖପତ୍ର'କୁ ଉପସ୍ଥିତ ଅତିଥିମାନେ ଉନ୍ମୋଚନ କରିଥିଲେ। ସେହିପରି ତୃତୀୟ ଅଧିବେଶନରେ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ପ୍ରାଧ୍ୟାପକ ଅଶୋକ ନାୟକ, ବ୍ୟଙ୍ଗକାର ଆର୍ତ୍ତତ୍ରାଣ ମିଶ୍ର ଏବଂ ମନ୍ଦାକିନୀ ସାହିତ୍ୟ ସଂସଦ ସଭାପତି ଅଧ୍ୟାପକ ବିଜୟ କୁମାର ଜେନା ଯୋଗଦାନ କରିଥିଲେ। କବିମାନେ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଜୟଶ୍ରୀ ଦେବୀ, କ୍ଷଣପ୍ରଭା କର, ହରପ୍ରିୟା ଦ୍ୱିବେଦୀ ଏବଂ କାଦମ୍ବିନୀ ମହାପାତ୍ର ପ୍ରମୁଖ ସଂଯୋଜନା କରିଥିଲେ।। ଏହି ଅଧିବେଶନରେ ଉପସ୍ଥିତ ଅତିଥିମାନେ କବିତାଗୁଡ଼ିକର ସମୀକ୍ଷା କରିଥିଲେ। ଜିଲା ଲେଖକ ପରିଷଦର ସମ୍ପାଦକ ଶେଖ ଅବଦୁଲ ଖାଲିକଙ୍କ ସଂଯୋଜନା କରିଥିଲେ।


ଲେଖକ ପରିଷଦର ବିଶେଷାଙ୍କ 'ମୁଖପତ୍ର'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## ବିଦ୍ୟୁତ୍ ଠିକା କର୍ମଚାରୀ ସଂଘର ଅଧିବେଶନ


ଅଧିବେଶନରେ ଯୋଗଦେଇଥିବା କର୍ମଚାରୀମାନେ।

**ନୟାଗଡ଼ ଅଫିସ,୧୮।୧୨**

ନୟାଗଡ଼ ଜିଲାର ମା' ଦକ୍ଷିଣକାଳୀ ବିଦ୍ୟୁତ୍ ଠିକା କର୍ମଚାରୀ ସଂଘର ୨ୟ ସାଧାରଣ ଅଧିବେଶନ ନୟାଗଡ଼ ସହରସ୍ଥିତ ପଠାଣି ସାମନ୍ତ ଅଡିଟୋରିୟମରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ରବୀନ୍ଦ୍ର କୁମାର ଦାସଙ୍କ ପୌରୋହିତ୍ୟରେ ବିଜୁ ଶ୍ରମିକ ସାମ୍ମୁଖ୍ୟର ରାଜ୍ୟ ସମ୍ପାଦକ ରାଜୀବ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟୁତ୍ ଶ୍ରମିକମାନଙ୍କ ସମସ୍ୟା ପ୍ରତି ରାଜ୍ୟ ସରକାର ସଚେତନ ଅଛନ୍ତି ବୋଲି କହିଥିଲେ। ବିଦ୍ୟୁତ୍ କମ୍ପାନୀର ମନୋମୁଖୀ ଶ୍ରମିକ ମାରଣନୀତିକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି ଚେତାବନୀ ଦେଇଥିଲେ। ବିଜୁ ଶ୍ରମିକ ସାମ୍ମୁଖ୍ୟର ରାଜ୍ୟ ସହ ସମ୍ପାଦକ ଶ୍ରୀକାନ୍ତ ପଟ୍ଟନାୟକ, ସାମାଜିକ କର୍ମୀ ପ୍ରଭାସିନୀ ନନ୍ଦ, ସ୍ୱସ୍ତିକ୍ ଇଞ୍ଜିନିୟରିଂର ପ୍ରମୋଦ କୁମାର ବେହେରା, ପ୍ରିୟବ୍ରତ ପଟ୍ଟନାୟକ, ସଙ୍ଗଠନ ସମ୍ପାଦକ ସଞ୍ଜୟ ପଟ୍ଟନାୟକ, ଅବସରପ୍ରାପ୍ତ ଶ୍ରମ ଅଧିକାରୀ ବସନ୍ତ କୁମାର ମିଶ୍ର, ଶ୍ରୀକାନ୍ତ ବେହେରା, ଚିତ୍ତରଞ୍ଜନ ଦାସ୍, ବାବୁଲି ମହାପାତ୍ର, ଶ୍ରମିକ ନେତା ବସୁଦେବ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିଜୁ ଶ୍ରମିକ ସାମ୍ମୁଖ୍ୟ ଆହ୍ୱାନରେ ଅନୁଷ୍ଠିତ ସଭାରେ ବିଦ୍ୟୁତ୍ ଶ୍ରମିକମାନଙ୍କୁ ସର୍ବନିମ୍ନ ଦରମା ସହ ଚାକିରି ସ୍ଥାୟୀ କରିବାକୁ ଦାବି କରାଯାଇଥିଲା। ପ୍ରାୟ ୪ ଶହ ଠିକା କର୍ମଚାରୀ ଏଥିରେ ଯୋଗ ଦେଇଥିଲେ।

## ରାଜ୍ୟସ୍ତରୀୟ ସାମାଜିକ କର୍ମୀ ସମ୍ମିଳନୀ

**ରଣପୁର ,୧୮।୧୨(ସ୍ୱ.ପ୍ର.)**

ରଣପୁର ବ୍ଲକ ଅନ୍ତର୍ଗତ କନ୍ଧନୟାଗଡ଼ ପଞ୍ଚାୟତସ୍ଥିତ ମା' ଡୋମଣୀ ଦେବୀ କଲ୍ୟାଣ ମଣ୍ଡପ ସଭାଗୃହରେ ଉତ୍କଳୀୟମ ଫାଉଣ୍ଡେଶନ ଟ୍ରଷ୍ଟ, ଭୁବନେଶ୍ୱର, ଓଡ଼ିଶା ପକ୍ଷରୁ ରାଜ୍ୟସ୍ତରୀୟ ସାମାଜିକ କର୍ମୀ ସମ୍ମିଳନୀ ଓ ୯ମ ରାଜ୍ୟସ୍ତରୀୟ ସନ୍ଥ ଭକ୍ତଚରଣ ପ୍ରତିଭା ସମ୍ମାନ -୨୦୨୨ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରଣପୁର ବ୍ଲକ ଉପାଧ୍ୟକ୍ଷ ପ୍ରଭାତ କୁମାର ଦଳବେହେରା, ସମ୍ମାନିତ ଅତିଥି ଭାବେ ଚାନ୍ଦପୁର ବରିଷ୍ଠ ନାଗରିକ ସଂଘ ସଭାପତି ଧନେଶ୍ୱର ଅଗ୍ରୱାଲ, ପୂର୍ବତନ ଖାଉଟି କଲ୍ୟାଣ କମିଟିର ସଭାପତି ନାରାୟଣ ମହାପାତ୍ର, ଚାନ୍ଦପୁର ଜିଲା ପରିଷଦ ସଭ୍ୟା ଜ୍ୟୋତ୍ସ୍ନାମୟୀ ଦଳବେହେରା, ରଣପୁର ବ୍ଲକ ସଭାପତି ପାଣ୍ଡ ସେଠୀ, ସିପିଆଇଏମ୍ ଯୁବନେତା ସୁରେଶ ସ୍ୱାଇଁ, କନ୍ଧ ନୟାଗଡ଼ ପଞ୍ଚାୟତ ସରପଞ୍ଚ ଗୁଲୁବାସ ସୁବୁଦ୍ଧି ଓ ଉତ୍କଳୀୟମ ଫାଉଣ୍ଡେଶନର ରାଜ୍ୟ ମୁଖ୍ୟ ଉପଦେଷ୍ଟା ମନୋଜ ଦାଶ ଓ ରାଜ୍ୟ ସାଧାରଣ ସମ୍ପାଦିକା ସୁଚିତ୍ରା ବେହେରା ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଫାଉଣ୍ଡେଶନର ଅଧ୍ୟକ୍ଷ ତଥା ଆଇନଜୀବୀ ରାଜୀବ ଲୋଚନ ପ୍ରଧାନ ସଭାକାର୍ଯ୍ୟକୁ ପରିଚାଳନା କରିଥିଲେ। ଓଡ଼ିଶାରେ ବିକାଶରେ ଯୁବ ସମାଜର ଓ ସାମାଜିକ କର୍ମୀଙ୍କ ଭୂମିକା ସମ୍ପର୍କରେ ବିଷୟରେ ରାଜ ସୁନାଖଳା ମହାବିଦ୍ୟାଳୟର ଓଡ଼ିଆ ବିଭାଗର ଅଧ୍ୟାପକ ରବୀନ୍ଦ୍ର କୁମାର ସାହୁ ବିସ୍ତୃତ ଭାବେ ଆଲୋଚନା କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଉତ୍କଳୀୟମ ଫାଉଣ୍ଡେଶନ କେବଳ ଓଡ଼ିଶା ନୁହେଁ ଏହା ବାହାରେ ଏକ ଟ୍ରଷ୍ଟ ଭାବେ କାର୍ଯ୍ୟ କରି ଆସୁଛି। ଏହି ଫାଉଣ୍ଡେଶନ ବର୍ତ୍ତମାନ ସୁଧା ୧୧ଟି ରାଜ୍ୟରେ କାର୍ଯ୍ୟ କରିଛି। ଆଜିର କାର୍ଯ୍ୟକ୍ରମ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ୨୦୧୪ରୁ ଉତ୍କଳୀୟମ ଫାଉଣ୍ଡେଶନ ପ୍ରକୃତି, ସଂସ୍କୃତି ଓ ମାନବିକ ଅଧିକାର ସୁରକ୍ଷା କ୍ଷେତ୍ରରେ ସମଗ୍ର ଭାରତ ବର୍ଷରେ କାର୍ଯ୍ୟ କରିଆସୁଛି। ଏବେ ଏହି ସଙ୍ଗଠନ ନୟାଗଡ଼ କି ଭୁବନେଶ୍ୱରରେ କେବଳ ଓଡିଶାରେ ସୀମିତ ହୋଇନାହିଁ, ତାହା ଦେଶ ବିଦେଶରେ ମଧ୍ୟ ପଠନ କରାଯାଉଛି ବୋଲି ମୁଖ୍ୟଅତିଥି ମତ ପ୍ରକାଶ କରିଥିଲେ। ଓଡ଼ିଶାର ଯୁବକମାନଙ୍କ ସହ ସାମାଜିକ କର୍ମୀ ମାନଙ୍କ ମଧ୍ୟରେ ଏକତା ରହିବା ସହ ଶୃଙ୍ଖଳିତ ହୋଇ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ମୁଖ୍ୟବକ୍ତା ଓ ଅନ୍ୟ ଅତିଥି ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଇଣ୍ଡିଆ ବୁକ ଅଫ ରେକର୍ଡ ଓ ଏସିଆ ବୁକ୍ ଅଫ ରେକର୍ଡରେ ସ୍ଥାନ ହାସଲ କରିଥିବା ସ୍ପ୍ରିଙ୍ଗ ବୟ ଏସ.ପି. ବଦ୍ରୀନାଥ କିଛି ସମୟ ପର୍ଯ୍ୟନ୍ତ ଆକର୍ଷଣୀୟ ତଥା ଚମତ୍କାର ଭାବେ ଯୋଗ ପ୍ରଦର୍ଶନ କରିଥିଲେ। ଏଥିରେ ସାମାଜିକ କର୍ମୀ, ଖବରଦାତା, ପୋଲିସ, ସରପଞ୍ଚ, କୁନି ନୃତ୍ୟ ଶିଳ୍ପୀ, ଶିକ୍ଷକ, କବି କବୟିତ୍ରୀଙ୍କୁ ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ମାନିତ କରାଯାଇଥିଲା। ଏଥିରେ ରାଜ୍ୟର କୋଣ ଅନୁକୋଣରୁ ବିଭିନ୍ନ ବ୍ୟକ୍ତି ଯୋଗ ଦେଇଥିଲେ। ଶେଷରେ ଫାଉଣ୍ଡେଶନର ରଣପୁର ବ୍ଲକ ସଂଯୋଜକ ଅରୁଣ କୁମାର ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ।


କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ସମ୍ମାନିତ କରୁଛନ୍ତି।

## ବ୍ରାହ୍ମଣ ମହାସଂଘର ପ୍ରଥମ ବାର୍ଷିକ ଉତ୍ସବ

**ଦଶପଲ୍ଲା,୧୮।୧୨( ଡି ଏନ ଏ )**

ରବିବାର ଦଶପଲ୍ଲାର ଆରାଧ୍ୟ ଦେବ ଶ୍ରୀମହାବୀରଙ୍କ ମନ୍ଦିର ସମ୍ମୁଖରେ ବ୍ରାହ୍ମଣ ମହାସଂଘ ଓଡ଼ିଶାର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବୀର ଖୋଲଠାରୁ ବ୍ରାହ୍ମଣ ମାନେ ଶୋଭାଯାତ୍ରାରେ ଆସି ମନ୍ଦିର ନିକଟରେ ପହଞ୍ଚି ଥିଲେ। ପରେ ଚିତ୍ତରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସଂସ୍କୃତ ଗବେଷକ ପଣ୍ଡିତ ପଦ୍ମନାଭ ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ଡ. ପଞ୍ଚାନନ ସୁନ୍ଦର ପାଣି ଯୋଗ ଦେଇଥିଲେ। ଏହି ଅବସରରେ ନାରାୟଣ ଶତପଥୀ, ଶଙ୍କର୍ଷଣ ଶତପଥୀ, ପ୍ରତାପ କୁମାର ମିଶ୍ର, ବିଶ୍ୱେଶ୍ୱର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱର୍ଗତ ଦିନବନ୍ଧୁ ଦାଶଙ୍କୁ ମରଣୋତ୍ତର ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ ରାଜ୍ୟର କୋଣ ଅନୁକୋଣରୁ ବ୍ରାହ୍ମଣମାନେ ଯୋଗ ଦେଇ ଜାତିର ଏକତା ବଜାୟ ରଖିବା ସହ ନିଜେ ନିଜ ବ୍ରାହ୍ମଣ କର୍ମ ସମ୍ପାଦନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ନିଜକୁ ଅନ୍ୟମାନଙ୍କ ନିକଟରେ ଆଦର୍ଶ ଭଳି ଗଢି ତୋଳିବା ସହ ଆରକ୍ଷଣ ସମ୍ପର୍କରେ ପୁନଃ ବିଚାର କରିବା ପାଇଁ ସରକାରଙ୍କୁ ନିବେଦନ କରିବାକୁ ସ୍ଥିର କରାଯାଇଥିଲା। ଏହି ଅବସରରେ ସମ୍ପାଦକ ସୌମ୍ୟ ରଂଜନ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସହ ସମ୍ପାଦକ ଜିତେନ୍ଦ୍ର କୁମାର ଦାଶ ଅତିଥି ପରିଚୟ କରିଥିଲେ। ଦିଲୀପ କୁମାର ଦାଶ ଧନ୍ୟବାଦ ଅର୍ପଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୟଦେବ ମିଶ୍ର, ମନୋରଞ୍ଜନ ମିଶ୍ର, ବସନ୍ତ କୁମାର ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।



ସଭାରେ ମଞ୍ଚାସୀନ ଅତିଥିମାନେ।

## ସାମଗ୍ରିକ ବିକାଶ ନିମନ୍ତେ ଖେଳକୁଦ ଜରୁରୀ


ବିଧାୟକ ଅରୁଣ ସାହୁ ଓ ଅତିଥିଙ୍କ ଗହଣରେ ସଙ୍କୁଳସ୍ତରୀୟ ଚାମ୍ପିୟନ ଛାତ୍ରୀଛାତ୍ର।

**ଓଡ଼ଗାଁ, ୧୮।୧୨(ସ୍ୱ.ପ୍ର.)**

### ନୟାଗଡ଼ ଜିଲା ସଙ୍କୁଳ ସ୍ତରୀୟ ଖେଳକୁଦ ସମାରୋହ

ଶିକ୍ଷା ବିକାଶ ସମିତି ଓ ଓଡ଼ଗାଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଆନୁକୂଲ୍ୟରେ ନୟାଗଡ଼ ଜିଲା ସଙ୍କୁଳ ସ୍ତରୀୟ ୨ ଦିନିଆ ଖେଳକୁଦ ସମାରୋହ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଡ଼ଗାଁ ସମେତ ଶରଣକୁଳ, ନୟାଗଡ, ଇଟାମାଟି, ଗଣିଆ, ଦଶପଲ୍ଲା ଓ ରାଜପାଟଣାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଓଡ଼ଗାଁ ମହୋତ୍ସବ ପଡିଆରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସଭାପତି ଆଇନଜୀବୀ ଗୋବିନ୍ଦ ଚନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ। ସ୍ଥାନୀୟ ବିଧାୟକ ଅରୁଣ କୁମାର ସାହୁ ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ସମବାୟ ସଭାପତି ବିଭୁ ପ୍ରସାଦ ସାହୁ, ସଙ୍କୁଳ ସଂଯୋଜକ ଅମ୍ବିକା ପ୍ରସାଦ ପଟ୍ଟନାୟକ, ସଙ୍କୁଳ ପ୍ରମୁଖ ଦିଲୀପ କୁମାର ମିଶ୍ର, ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ କୁମାର ପ୍ରଧାନ, ସାମାଜିକ କର୍ମୀ ପ୍ରମୋଦ କୁମାର ଦୋରା ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସମ୍ପାଦକ ପଦ୍ମନାଭ ପୃଷ୍ଟି ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ମୁଖ୍ୟଅତିଥି ସାହୁ ପିଲାମାନଙ୍କୁ ଉଦ୍‌ବୋଧନ ଦେବା ଅବସରରେ ବ୍ୟକ୍ତିର ସାମଗ୍ରିକ ବିକାଶ ନିମନ୍ତେ ନିୟମିତ ଖେଳକୁଦ, ଜ୍ଞାନ ଆହାରଣ ନିମନ୍ତେ ଦୈନିକ ଖବରକାଗଜ ଅଧ୍ୟୟନ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଧାୟକ ସାହୁ ସଙ୍କୁଳ ସ୍ତରରେ ଚାମ୍ପିୟନ ହୋଇଥିବା ଆଶୁତୋଷ ମହାପାତ୍ର ଓ ଏଲିନା ବିଶ୍ୱାଳ ଶରଣକୁଳ (ଶିଶୁ ବର୍ଗ), ସୋମ୍ୟରଞ୍ଜନ ମାର୍ଥା(ନୟାଗଡ଼) ଓ ଶ୍ରଦ୍ଧାଶ୍ରୀ ସାହୁ (ଦଶପଲ୍ଲା) (ବାଳ ବର୍ଗ) ଓ କିଶୋର ବର୍ଗରେ ଶୁଭମ ଜେନା (ଶରଣକୁଳ) ଓ ଲକ୍ଷ୍ମୀପ୍ରିୟା ମାର୍ଥା (ନୟାଗଡ଼)ଙ୍କୁ ଚାମ୍ପିୟନ ଟ୍ରଫି ସହିତ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ସେହିପରି ସମସ୍ତ ବିଦ୍ୟା ମନ୍ଦିର କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ ଅତିଥିମାନେ ଟ୍ରଫି ସହ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ସମସ୍ତ ବିଦ୍ୟା ମନ୍ଦିରର କ୍ରୀଡା ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଦ୍ୱାରା କ୍ରୀଡା ପ୍ରତିଯୋଗିତା ପରିଚାଳନା କରାଯାଇଥିଲା।

## ବିଧାନସଭା ସମ୍ମୁଖରେ ଧାରଣା ଦେବେ ପ୍ରାଥମିକ ଶିକ୍ଷକ

**ନୟାଗଡ଼ ଅଫସ,୧୮।୧୨**

- ଆଗାମୀ ଆନ୍ଦୋଳନ ପାଇଁ ପ୍ରାଥମିକ ଶିକ୍ଷକଙ୍କ ପ୍ରସ୍ତୁତି ବୈଠକ
- ୨୭ରେ ପୁଣି ଶିକ୍ଷକ ଆନ୍ଦୋଳନ
- ଏକ୍ସକ୍ୟାଡର ଉଚ୍ଛେଦ ସହ ରହିଛି ୮ ଦଫା ଦାବି

ଚଳିତ ମାସ ୨୭ ତାରିଖରୁ ବିଧାନସଭା ସମ୍ମୁଖରେ ୮ ଦଫା ଦାବିନେଇ ଆନ୍ଦୋଳନ ପରିପ୍ରେକ୍ଷୀରେ ପ୍ରାଥମିକ ଶିକ୍ଷକ ସଂଘ (ଏକ୍ସ କ୍ୟାଡର) ପକ୍ଷରୁ ପ୍ରସ୍ତୁତି ବୈଠକ ନୟାଗଡ଼ ଜିଲା ସଦର ମହକୁମାର ନବଘନପୁର ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଂଘ ସଭାପତି ଉମେଶ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ରାଜ୍ୟ ସଂଘ କୋଷାଧ୍ୟକ୍ଷ ବିଜୟ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ସମ୍ମାନୀତ ଅତିଥି ଭାବେ ରାଜ୍ୟ ସମ୍ପାଦକ ପ୍ରମୋଦ କୁମାର ବେହେରା, ସଙ୍ଗଠନ ସମ୍ପାଦକ ରାଜକିଶୋର ପ୍ରଧାନ, ଜିଲା ସମ୍ପାଦକ ଲକ୍ଷ୍ମୀଧର ପାଇକରାୟଙ୍କ ସମେତ ଜିଲାର ସମସ୍ତ ୮ଟି ବ୍ଲକର ସଭାପତି ଏବଂ ସମ୍ପାଦକମାନେ ଯୋଗ ଦେଇଥିଲେ। ୨୭ ତାରିଖରେ ରାଜ୍ୟସ୍ତରରେ ହେଉଥିବା ଶିକ୍ଷକ ଆନ୍ଦୋଳନକୁ ସଫଳ କରିବାକୁ ନିଷ୍ପତ୍ତି ହୋଇଛି।

ପ୍ରାଥମିକ ଶିକ୍ଷକ (ଏକ୍ସ କ୍ୟାଡର)ଙ୍କ ଅଭିଯୋଗ ଅନୁସାରେ, ଗଣଶିକ୍ଷକମାନଙ୍କୁ ସରକାର ୨୦୧୭ରୁ ଲେଭେଲ-୫ ସହକାରୀ ଶିକ୍ଷକ ଏକ୍ସ କ୍ୟାଡର ଭାବେ ନିୟମିତ କରିଥିଲେ। ସରକାର ନିୟମିତ କରିବା ସମୟରେ ଗଣଶିକ୍ଷକଙ୍କ ନିଯୁକ୍ତି ବର୍ଷ ୨୦୦୮ରୁ ୮ ବର୍ଷ ଗଣନା କରି ନିୟମିତ କରିଥିଲେ। ଏଭଳିସ୍ଥଳେ ୨୦୧୨ରୁ କାର୍ଯ୍ୟକାରୀ ହେଉଥିବା ଓଟିଇଟି ଗଣଶିକ୍ଷକଙ୍କ ଉପରେ ଲଦି ଦେଇଥିଲେ। ଯାହା ଆଇନତଃ ଠିକ୍ ନ ଥିଲା। ବିଭିନ୍ନ ସମୟରେ ଏହାର ପ୍ରତିବାଦ ହୋଇ ଆସୁଥିଲେ ମଧ୍ୟ ସରକାର ଶୁଣି ନ ଥିଲେ। ଏଭଳିସ୍ଥଳେ ଓଟିଇଟି ଗଣଶିକ୍ଷକ ଅଥବା ପ୍ରାଥମିକ ଶିକ୍ଷକ (ଏକ୍ସ କ୍ୟାଡର)ଙ୍କ ପାଇଁ ପ୍ରଯୁଜ୍ୟ ନୁହଁ ବୋଲି ପ୍ରମାଣିତ ହୋଇ ସାରିଛି। ଏଣୁ ଏହି ବର୍ଗର ପ୍ରାଥମିକ ଶିକ୍ଷକମାନଙ୍କ କ୍ଷେତ୍ରରେ ଓଟିଇଟିକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରି ବାଦ୍ ପଡିଥିବା ଗଣଶିକ୍ଷକମାନଙ୍କୁ ୨୦୧୭ରୁ ନିୟମିତ କରିବା ସହ ଦରମା ବୃଦ୍ଧି କରିବା ପାଇଁ ଦାବି କରାଯାଇଛି। ସେହିପରି ଯେଉଁ ଏକ୍ସ କ୍ୟାଡର ଶିକ୍ଷକମାନେ ୨୦୧୯ ମଧ୍ୟରେ ଓଟିଇଟି ପାସ କରିପାରିବେ ନାହିଁ ସେମାନେ ପରବର୍ତ୍ତି ଇନ୍‌କ୍ରିମେଣ୍ଟ ପାଇବେ ନାହିଁ ବୋଲି ସରକାର ଅନୁରୂପ ଭାବେ ନିଷ୍ପତ୍ତି ଲଦି ଦେଇଥିଲେ। ଯେହେତୁ ଓଟିଇଟି ପରୀକ୍ଷା କେବଳ ଶିକ୍ଷକ ନିଯୁକ୍ତି ପାଇଁ ପ୍ରଯୁଜ୍ୟ ରହିଛି ଏଣୁ ଇନ୍‌କ୍ରିମେଣ୍ଟ ପାଉ ନ ଥିବା ଶିକ୍ଷକମାନଙ୍କୁ ତୁରନ୍ତ ଏହା ଦେବା ପାଇଁ ସଂଘ ଅନୁରୂପ ଭାବେ ଦାବି କରିଛି। ସେହିପରି ଅନ୍ୟାନ୍ୟ ଦାବିଗୁଡ଼ିକ ମଧ୍ୟରେ ଏକ୍ସ କ୍ୟାଡର ବ୍ୟବସ୍ଥା ଉଚ୍ଛେଦ ସହ ୨୦୧୭ ରୁ କ୍ୟାଡରଭୁକ୍ତ କରିବା ଦାବି କରାଯାଇଛି। ଅନ୍ୟପକ୍ଷେ ଏକ୍ସ କ୍ୟାଡର ଶିକ୍ଷକମାନଙ୍କ ଡେପୁଟେସନ ବାତିଲ କରିବା, ଟ୍ରେଜେରୀ ମାଧ୍ୟମରେ ଦରମା ପ୍ରଦାନ କରିବା, ଅବସର ଗ୍ରହଣ କରୁଥିବା ଶିକ୍ଷକମାନଙ୍କୁ ଗ୍ରାଚୁଇଟି ପ୍ରଦାନ, ଏକ୍ସ କ୍ୟାଡର ଶିକ୍ଷକମାନଙ୍କୁ ନିୟମିତ ଶିକ୍ଷକ ଭାବେ ବିବେଚନା କରି ସିଆରସିସି ପଦବୀରେ ନିଯୁକ୍ତ ଦେବା ସହିତ ଅନ୍ୟ ସମସ୍ତ ସରକାରୀ ସୁବିଧା ସୁଯୋଗ ପ୍ରଦାନ କରିବା ଦାବି ନେଇ ସଂଘ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବୈଷ୍ଣବ ମହାନ୍ତି, ରବୀନ୍ଦ୍ର ସାହୁ, ଜୟକୃଷ୍ଣ ପ୍ରଧାନ, ଜିଲା ଉପଦେଷ୍ଟା ଦେବେନ୍ଦ୍ର ଆଚାର୍ଯ୍ୟ ଓ ଭଗବାନ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।



ସମ୍ମିଳନୀରେ ଯୋଗଦେଇଥିବା ଶିକ୍ଷକମାନେ।

